নিরপেক্ষ দৈনিক সম্বাদপত্র



ଯା ଦେବୀ ସର୍ବଭୂତେଷୁ............


# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୮ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 AUGUST 2023
Vol.No. 35 ■ No. 217 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭାରତର ସବୁ ମୁସଲିମ୍ ପୂର୍ବରୁ ଥିଲେ ହିନ୍ଦୁ: ଗୁଲାମ ନବୀ ଆଜାଦ



ନୂଆଦିଲ୍ଲୀ,୧୭/୦୮ : ଜମ୍ମୁକଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କ ଏକ ବୟାନକୁ ବେଶ ଭାଇରାଲ ହେଉଛି । ଜମ୍ମୁକଶ୍ମୀରର ଏକ ସଭାକୁ ସମ୍ବୋଧିତ କରି ଗୁଲାମ ହିନ୍ଦୁ ଓ ମୁସଲିମ ଧର୍ମକୁ ନେଇ ବଡ ବୟାନ ଦେଇଛନ୍ତି । ବରିଷ୍ଠ ରାଜନେତା କହିଛନ୍ତି ଇସଲାମଠାରୁ ପୁରୁଣା ହେଉଛି ହିନ୍ଦୁ ଧର୍ମ । ସବୁ ମୁସଲମାନ ପୂର୍ବରୁ ହିନ୍ଦୁ ଥିଲେ । ଧର୍ମ ପରିବର୍ତନ କରି ମୁସଲିମ ହୋଇଛନ୍ତି । ସେପଟେ ଗୁଲାମଙ୍କ ବୟାନକୁ ସତ ବୋଲି ହିନ୍ଦୁ ସଂଗଠନ କହିଥିବାବେଳେ ସମାଲୋଚନା କରିଛନ୍ତି ଇସଲାମ ଧର୍ମଗୁରୁ । ଶୁଣିଲେ କଂଗ୍ରେସର ପୂର୍ବତନ ବରିଷ୍ଠ ନେତା ତଥା ଜମ୍ମୁକଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ କ'ଣ କହିଲେ । ଏକ ଜନସଭାରେ ଗୁଲାମ କହିଛନ୍ତି ଦୁନିଆର ସବୁଠୁ ପୁରୁଣା ଧର୍ମ ହେଉଛି ହିନ୍ଦୁ । ଭାରତରେ ଯେଉଁ ମୁସଲିମ ଭାଇ ଭଉଣୀ ଅଛନ୍ତି ସେମାନେ ହିନ୍ଦୁରୁ ମୁସଲିମ ଧର୍ମକୁ ଧର୍ମାନ୍ତୀକରଣ ହୋଇଛନ୍ତି । ଗୁଲାମ ନବି ଆଜାଦ ଆହୁରି କହିଛନ୍ତି ଭାରତରେ ମୁସଲିମ ଧର୍ମ, କେବଳ ୧୫ଶହ ବର୍ଷ ପୁରୁଣା କିନ୍ତୁ ହିନ୍ଦୁ ଧର୍ମ ସବୁଠୁ ପୁରୁଣା ଧର୍ମ ଅଟେ । କେବଳ ୧୦% ମୂଳ ମୁସଲିମ ଭାରତରେ ଅଛନ୍ତି । ୯୦ ପ୍ରତିଶତ ମୁସଲିମ ମୂଳତଃ ହିନ୍ଦୁ ଅଟନ୍ତି । ଗୁଲାମ କହିଛନ୍ତି ଏହାର ସବୁଠୁ ବଡ ଉଦାହାରଣ ଅଟେ ଜମ୍ମୁକଶ୍ମୀର । ଅଧିକାଂଶ କଶ୍ମୀର ପଣ୍ଡିତଙ୍କୁ ଧର୍ମପରିବର୍ତନ କରାଯାଇ ମୁସଲିମ କରାଯାଇଛି । ଭାରତ ବାହାରୁ କେହି ବି ଆସିନାହାଁନ୍ତି । ସମସ୍ତେ ଭାରତୀୟ ଅଟନ୍ତି । ୬୦୦ ବର୍ଷ ପୂର୍ବେ କାଶ୍ମୀରରେ କେହି ମୁସଲମାନ ନଥିଲେ , ପରେ କାଶ୍ମୀର ପଣ୍ଡିତମାନଙ୍କୁ ଇସଲାମ ଧର୍ମରେ ପରିବର୍ତନ କରାଯାଇଥିଲା । ଜମ୍ମୁକଶ୍ମୀର ଡୋଡା ଜିଲ୍ଲାରେ ଏକ ସଭାରେ ଭାଷଣ ଦେବା ସମୟରେ ଗୁଲାମ ନବୀ ଏହି କଥା କହିଛନ୍ତି । ତାଙ୍କ ବୟାନ ଏବେ ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି । ସେପଟେ ମୁସଲିମ ଧର୍ମଗୁରୁ ଗୁଲାମଙ୍କୁ ତାଙ୍କ ବୟାନ ପାଇଁ ସମାଲୋଚନା କରିଥିବାବେଳେ ସାଧୁସନ୍ଥ କହିଛନ୍ତି ଗୁଲାମଙ୍କ ବୟାନରେ ରହିଛି ସମ୍ପୂର୍ଣ୍ଣ ସତ୍ୟତା । ଗୁଲାମ ନିଜ ଭାଷଣରେ ଭାଇଚାରା ଉପରେ ମଧ ଦୁଇ ପଦ କଥା କହିଛନ୍ତି । ରାଜନୀତି ସହ ଧର୍ମକୁ ନଯୋଡି ସଦଭାବନା, ଭାଇଚାରା ଓ ଭଲ ପାଇବା ସହ ରହିବାକୁ ଅପିଲ କରିଛନ୍ତି ।ଜାମ୍ମୁକାଶ୍ମୀରରେ ପ୍ରାୟ ୬୮ ପ୍ରତିଶତରୁ ଅଧିକ ଭାଗ ଲୋକ ମୁସଲିମ ଧର୍ମର ଅଟନ୍ତି । ଏହା ଭିତରେ କଶ୍ମୀରରେ ରାଜନୈତିକ ଦଳ ଗଢି ଥିବାରୁ ଆଜାଦଙ୍କ ବୟାନ ଆଗାମୀ ଦିନରେ ତାଙ୍କ ଉପରେ ବୁମେରାଂ ହୋଇପାରେ ବୋଲି ମଧ ଅନେକ ରାଜନୈତିକ ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

## ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରା ହେବେ ଓଡ଼ିଶା ହାଇକୋର୍ଟ ବିଚାରପତି: ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିଶ



ଭୁବନେଶ୍ୱର , ୧୭/୦୮ (ନି.ପ୍ର): ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଶିବଶଙ୍କର ମିଶ୍ର ଓ ଜୁଡ଼ିସିଆଲ ଅଫିସର ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନିଯୁକ୍ତି ଦେବାକୁ ଆଜି ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଛନ୍ତି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନିଜର ଦୁଇଜଣ ବରିଷ୍ଠ ସହଯୋଗୀ( ହାଇକୋର୍ଟ ବିଚାରପତି )ଙ୍କ ସହ ବିଚାରବିମର୍ଶ କରି ୨୦୨୩ ଜାନୁୟାରୀ ୧୭ତାରିଖରେ ଏହି ଦୁଇଜଣଙ୍କ ନାଁ ସୁପାରିଶ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମଧ ଏହି ସୁପାରିଶରେ ସମ୍ମତି ଜଣାଇଛନ୍ତି । ସୁପ୍ରିମକୋର୍ଟଙ୍କ ୱେବସାଇଟରେ ପ୍ରକାଶିତ ଏହି ସୂଚନା ଅନୁସାରେ, ବରିଷ୍ଠ ଓକିଲ ଶ୍ରୀ ମିଶ୍ର ୧୯୯୧ ଡିସେମ୍ବର ମାସରୁ ଅର୍ଥାତ୍ ଗତ ୩୦ବର୍ଷ ଧରି ଓକିଲାତି କରୁଛନ୍ତି ଓ ସେ ସୁପ୍ରିମକୋର୍ଟରେ ▶▶ପୃଷ୍ଠା ୭

## ଆହୁରି ଦୁଇ ଦିନ ପ୍ରବଳ ବର୍ଷିବ: ଆଜି ବର୍ଷାରେ ବେହାଲ ଭୁବନେଶ୍ୱର

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ବଙ୍ଗୋପସାଗର ଅଞ୍ଚଳରେ ସମ୍ଭାବ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆଜି ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଆସନ୍ତାକାଲି ଓ ତା' ପରଦିନ ମଧ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପଟେ ଆଜିର ବର୍ଷାରେ ବେହାଲ ହୋଇଛି ରାଜଧାନୀ ଭୁବନେଶ୍ୱର। ଅନେକ ସ୍ଥାନ ଜଳମଗ୍ନ ହୋଇଛି। ଯେଉଁଥିପାଇଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଛି। ଆଗାମୀ ୨୪ ଘଣ୍ଟା ମଧରେ ପୁରୀ, କଟକ, ଖୋର୍ଦ୍ଧା, ଗଞ୍ଜାମ, ଜଗତସିଂହପୁର, ନୟାଗଡ଼, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ବରଗଡ଼, ରାୟଗଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ▶▶ପୃଷ୍ଠା ୭

## ଦୁଇ ଦିନିଆ ଲଦାଖ ଗସ୍ତରେ ରାହୁଲ ଗାନ୍ଧୀ : କଂଗ୍ରେସ ନେତା ସହିତ କରିବେ ବୈଠକ

ଲେହ,୧୭/୦୮ : ଲଦାଖରେ କାରଗିଲ ହିଲ କାଉଁସିଲ ନିର୍ବାଚନ ପୂର୍ବରୁ କଗ୍ରେସ ପାର୍ଟିର ବରିଷ୍ଠ ନେତା ତଥା ସାସଦ ରାହୁଲ ଗାନ୍ଧୀ ଗୁରୁବାରଦିନ ତାଙ୍କର ଦୁଇ ଦିନିଆ ଗସ୍ତରେ ଲେହରେ ପହଂଛିଛନ୍ତି । ରାହୁଲ ଗାନ୍ଧୀଙ୍କ ଏହି ଗସ୍ତ ସମୟରେ ସେ ଦଳର ସ୍ଥାନିୟ ନେତାଙ୍କ ସହିତ ବୈଠକ କରିବେ । କଗ୍ରେସ ଲଦାଖର ଆଂଚଳିକ ମୁଦ୍ଦାକୁ ନେଇ ଜୋରଦାର ଭାବରେ ଲୋକଙ୍କ ବିଶ୍ୱାସ ହାସଲ କରିବାକୁ ଚେଷ୍ଟା କରୁଛି । ରାହୁଲ ଗାନ୍ଧୀ ଲେହ ପହଂଚିବା ପରେ ଲଦାଖର କଗ୍ରେସ ମୁଖ୍ୟ ରିଗଜିନ ଜୋରା ଏବଂ ଅନ୍ୟ ନେତା ତଥା କାର୍ଯ୍ୟକର୍ତାମାନେ ତାଙ୍କୁ ସ୍ୱାଗତ କରିଥିଲେ । ଏହି ପରପେକ୍ଷିରେ ପାର୍ଟି କାର୍ଯ୍ୟକର୍ତାମାନେ ଭାରତ ଯୋଡ ଯାତ୍ରାର ପତାକା ମଧ ଦେଖାଇ ଥିଲେ । ରାହୁଲ ଗାନ୍ଧୀ କଂଗ୍ରେସ ନେତାମାନଙ୍କ ସହ ସେଠାକାର ଆଂଚଳିକ ଯୁବକ ମାନଙ୍କ ସହିତ ଔପଚାରିକ ବୈଠକ ଶୁକ୍ରବାର କରିବାର ଯୋଜନା ରହିଛି ।

## ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ

ପୁରୀ/ଭୁବନେଶ୍ୱର, ୧୭/୦୮ (ନି.ପ୍ର): ଦୁଇ ଦିନିଆ ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ସକାଳେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ତାଙ୍କ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡାକ୍ତର ସମ୍ବିତ ପାତ୍ର, ବହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ବି ଶ୍ରୀଜିଉଙ୍କ ଦର୍ଶନ କରିଛନ୍ତି ।

## ଶକ୍ତି ବିଭାଗକୁ ବିଜୁଳି ଚିନ୍ତା: ସରକାରୀ ଅଫିସ୍‌ରୁ ହଟିବ ପୁରୁଣା ଫ୍ୟାନ୍ ଓ ଏସି



ଭୁବନେଶ୍ୱର, ୧୭/୦୮ (ନି.ପ୍ର): ଶକ୍ତି ବିଭାଗକୁ ଘାରିଛି ବିଜୁଳି ବଞ୍ଚାଇବା ଚିନ୍ତା। ସରକାରୀ ଅଫିସ୍‌ରେ ବଦଳିବ ଏସି ଓ ଫ୍ୟାନ। ହଟିବ ପୁରୁଣା ଲାଗିବ ନୂଆ। ଫ୍ୟାନ ହେଲେ ବ୍ରସଲେସ୍ ଡିରେକ୍ଟ କରେଣ୍ଟ (ଇଖଡଉ) ଆଉ ଏସି ହେଲେ ଫାଇଭ ଷ୍ଟାର ହେବ। ରାଜ୍ୟ ସରକାରଙ୍କୁ ଏମିତି ପ୍ରସ୍ତାବ ଦେଇଛି ଶକ୍ତି ବିଭାଗ। ପାଞ୍ଚ ବର୍ଷର ପୁରୁଣା ଫ୍ୟାନ ଓ ଏସି ହଟାଇ ନୂଆ ଲଗାଇବାକୁ ଦିଆଯାଇଛି ପ୍ରସ୍ତାବ। ଯେଉଁଠି ଯେଉଁଠି ବଦଳାଯିବ ସେଠି, କେବଳ ଇଖଡଉ ଫ୍ୟାନ ଓ ଫାଇଭ ଷ୍ଟାର ଏସି ଲଗାଇବାକୁ ଏହି ପ୍ରସ୍ତାବରେ ଉଲ୍ଲେଖ ରହିଛି। ବିଜୁଳି ବଞ୍ଚାଇବା ସହ ସରକାରୀ ଅଫିସ୍‌ର ବିଲ କମାଇବା ପାଇଁ ଶକ୍ତି ବିଭାଗ ଏମିତି ପ୍ରସ୍ତାବ ଦେଇଛି। ଏହା ସହ ବିଜୁଳି ବିଲ୍ ବଞ୍ଚାଇବା ପାଇଁ ପ୍ରତି ବର୍ଷ ସମସ୍ତ ସରକାରୀ କାର୍ଯ୍ୟାଳୟରେ ବାର୍ଷିକ ଶକ୍ତି ସମୀକ୍ଷା କରାଯିବ। ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ବିଭାଗ ମଧରେ ସମନ୍ୱୟ ରଖି କର୍ମଶାଳା ▶▶ପୃଷ୍ଠା ୭

## ଆଇଏଏସ୍ ସ୍ତରରେ ଅଦଳବଦଳ: ଜ୍ୟୋତିପ୍ରକାଶ ବୋର୍ଡ ସଭାପତି

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି । କଟକରେ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ (ଆଇଜିଆର) ଭାବେ କାର୍ଯ୍ୟରତ ୨୦୧୦ ବ୍ୟାଚ୍ ଆଇଏଏସ୍ ଜ୍ୟୋତିପ୍ରକାଶ ଦାସଙ୍କ ଓଡ଼ିଶା ମାଧମିକ ଶିକ୍ଷା ବୋର୍ଡ ସଭାପତି ହେବେ । ସେ ଅତିରିକ୍ତ ଭାବେ ଏହି ନୂଆ ଦାୟିତ୍ୱ ତୁଲାଇବେ । ମାଧମିକ ଶିକ୍ଷା ପରିଷଦ ସଭାପତି ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ରମାଶିଷ ହାଜରାଙ୍କୁ ପଶୁପାଳନ ଓ ପ୍ରାଣୀଧନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଅନ୍ୟପକ୍ଷରେ ସେଠାରେ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଡଃ ଯେଦୁଲା ବିଜୟଙ୍କୁ ବିଜ୍ଞାନ ଓ କାରିଗରି କୌଶଳ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ତେବେ ଯେଦୁଲା ବିଜୟଙ୍କୁ ସରକାର କାହିଁକି ଏଭଳି ବଦଳି କରିଛନ୍ତି, ତାହା ଜଣାପଡ଼ିନି ।

## ସବୁ ସ୍କୁଲରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରିବ ବିଏମସି

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ଏହି ପରିପ୍ରେକ୍ଷୀରେ ସବୁ ସ୍କୁଲରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଡେଙ୍ଗୁ ନେଇ ସଚେତନ କରାଯିବ। ସ୍କୁଲରେ ସଚେତନତା ବ୍ୟତୀତ ଘର ଘର ବୁଲି ସଚେତନତା କାର୍ଯ୍ୟକ୍ରମ ବଢ଼ାଇବା, ସଫେଇ ଏବଂ ଘର ଭିତର ସଫା ରଖିବାକୁ ପରାମର୍ଶ ଦେବ ବିଏମସି।

## ଟାଇମ୍ସ ନାଓ-ଇଟିଜି ସର୍ଭେ : ପୁଣି ଥରେ 'ମୋଦି ସରକାର'



ନୂଆଦିଲ୍ଲୀ,୧୭/୦୮ : କେନ୍ଦ୍ରରେ ପୁଣିଥରେ ମୋଦି ସରକାର। ପ୍ରଚଣ୍ଡ ଜନମତ ସହ କ୍ରମାଗତ ତୃତୀୟ ଥର ପାଇଁ ଏନଡିଏ କେନ୍ଦ୍ରରେ ସରକାର ଗଠନ କରିବ। ଏନଡିଏକୁ ରୋକିବା ପାଇଁ ବିରୋଧୀ ଇଣ୍ଡିଆ ଗଠନ କରିଥିଲେ ମଧ ଏହା ସେତେଟା ସଫଳତା ହାସଲ କରିପାରିବ ନାହିଁ। ଆଜିକା ତାରିଖରେ ଯଦି ନିର୍ବାଚନ ହେବ, ତା'ହେଲେ ୩୦୦ରୁ ଅଧିକ ଆସନ ଜିତି ବିଜେପି ନେତୃତ୍ୱାଧୀନ ଏନଡିଏ କେନ୍ଦ୍ରରେ କ୍ଷମତା ଦଖଲ କରିବ ବୋଲି ଟାଇମ୍ସ ନାଓ-ଇଟିଜି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଲାଲକିଲ୍ଲାରୁ ସମ୍ବୋଧନ କରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ୨୦୨୪ରେ କ୍ଷମତାକୁ ଫେରିବେ ବୋଲି ଦମ୍ଭୋକ୍ତି କରିଥିଲେ। ଏହାର ଦିନକ ପରେ ଟାଇମ୍ସ ନାଓ-ଇଟିଜି ତା'ର ସର୍ଭେ ରିପୋର୍ଟ ପ୍ରକାଶ କରିଛନ୍ତି। ଏଥିରେ କୁହାଯାଇଛି ଯେ ବିଜେପି ନେତୃତ୍ୱାଧୀନ ଏନଡିଏ ୨୯୬ରୁ ୩୨୬ଟି ଆସନ ଜିତିବ। ସେହିପରି ବିରୋଧୀ ମେଣ୍ଟ ଇଣ୍ଡିଆ ୧୬୦ରୁ ୧୯୦ଟି ଆସନରେ ସୀମିତ ରହିବ। ▶▶ପୃଷ୍ଠା ୭

## ଉତରାଖଣ୍ଡରେ ପ୍ରକୃତିର ତାଣ୍ଡବ: ଅତିପ୍ରବଳ ବର୍ଷା ଯୋଗୁ ଏବେ ସୁଦ୍ଧା ୭୪ଜଣଙ୍କ ମୃତ୍ୟୁ

ଡେରାଡୁନ, ୧୭/୦୮ (ନି.ପ୍ର): ଉତରାଖଂଡରେ ପ୍ରକୃତିର ତାଣ୍ଡବ । ସବୁ ବର୍ଷ ପରି ଚଳିତ ବର୍ଷ ବି ପ୍ରକୃତିର କୋପ ଦେଖିବାକୁ ମିଳିଛି । ରାଜ୍ୟରେ ଅତି ପ୍ରବଳ ବର୍ଷା ଯୋଗୁ ଏବେ ସୁଦ୍ଧା ୭୪ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ସେହିପରି ୪୩ଜଣ ଆହତ ହୋଇଛନ୍ତି । ତିନୋଟି ଜିଲ୍ଲାରୁ ପ୍ରାୟ ୧୯ଜଣ ଲୋକ ନିଖୋଜ ଥିବାର ସୂଚନା ମିଳିଛି। ସେହିପରି ମଦମହେଶ୍ୱର ଘାଟିରେ ଫସିରହିଥିବା ୨୯୩ ତୀର୍ଥ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଅତି ପ୍ରବଳ ବର୍ଷା ପାଇଁ ୨୦ ଅଗଷ୍ଟ ପର୍ଯ୍ୟନ୍ତ ରାଜ୍ୟକୁ ଆଲର୍ଟ କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅନୁସାରେ ୧୫ ଜୁନରୁ ଏବେ ସୁଦ୍ଧା ଅତିପ୍ରବଳ ବର୍ଷା କାରଣରୁ ୭୪ଜଣଙ୍କର ମୃତ୍ୟୁ ହୋଇଛି । ରୁଦ୍ରପ୍ରୟାଗରୁ ୧୯ଜଣ, ଚମୋଲି, ପୌଡି, ଉତ୍ତରକାଶୀ ଜିଲ୍ଲାରୁ ଆଠ ଆଠ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଉଧମସିଂହ ନଗରରୁ ୭ଜଣ, ଡେରାଡୁନରୁ ୬ଜଣ, ହରିଦ୍ୱାର ଓ ଟିହରି ଜିଲ୍ଲାରୁ ୫-୫ ଜଣ, ନୈନିତାଲ ଓ ପିଥୌରାଗଡରୁ ୩-୩ଜଣ, ବାଗେଶ୍ୱର ଜିଲ୍ଲାରୁ ୨ଜଣଙ୍କର ମୃତ୍ୟୁ ହୋଇଛି । ତେବେ ଚମ୍ପାବତ, ଅଲ୍ମୋଡା ଜିଲ୍ଲାରେ ଶୂନ୍ୟ ଜୀବନହାନୀ ଘଟିଛି ।

## ଇସ୍ରୋ ମୁନ୍ ମିଶନକୁ ଆଉ ଏକ ସଫଳତା: ପ୍ରପଲସନରୁ ଅଲଗା ହେଲା ଲ୍ୟାଣ୍ଡର



ନୂଆଦିଲ୍ଲୀ,୧୭/୦୮ : ସଫଳତା ଦିଗରେ ଆଉ ଏକ ସୋପାନ ଅତିକ୍ରମ କଲା ଚନ୍ଦ୍ରଯାନ-୩। ଇସ୍ରୋର ଏହି ଉଚ୍ଚାଭିଳାଷୀ ମିଶନ୍ ଆଜି ସଫଳତା ପୂର୍ବକ ଲ୍ୟାଣ୍ଡର ବିକ୍ରମକୁ ପ୍ରପଲସନରୁ ଅଲଗା କରିଛି। ମଧ୍ୟାହ୍ନ ୧ଟା ସମୟରେ ପ୍ରପଲସନରୁ ଅଲଗା ହୋଇଛି ଲ୍ୟାଣ୍ଡର ବିକ୍ରମ। ଏହାପରେ ଚନ୍ଦ୍ରପୃଷ୍ଠ ଅଭିମୁଖେ ଏକାକୀ ଯାତ୍ରା ଆରମ୍ଭ କରିଛି ଲ୍ୟାଣ୍ଡର ବିକ୍ରମ। ଲ୍ୟାଣ୍ଡର ବିକ୍ରମ ବର୍ତ୍ତମାନ ପ୍ରଜ୍ଞାନ ରୋଭରର ଚିତ୍ର ଉତ୍ତୋଳନ କରିବ। ଏହା ମାଧମରେ ଚନ୍ଦ୍ରପୃଷ୍ଠର ଗତିବିଧି ଉପରେ ନଜର ରଖାଯାଇ ପାରିବ। ଚନ୍ଦ୍ର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ ପାଇଁ ଆଗାମୀ ୬ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଇସ୍ରୋ କହିଛି। ▶▶ପୃଷ୍ଠା ୭

# ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୧୭/୦୭ (ନି.ପ୍ର): ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ବାଜପେୟୀଙ୍କ ଜୀବନୀକୁ କାର୍ଯ୍ୟକର୍ତାଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସ୍ୱର୍ଗତଃ ବାଜପେୟୀ ଶିକ୍ଷା ଗ୍ରହଣ କରିବା ସମୟରେ ୧୯୩୯ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଯୋଗ ଦେଇଥିଲେ । ୧୯୪୨ ମସିହାରୁ ରାଜନୈତିକ ଜୀବନ ଆରମ୍ଭ କରି ସେ ସାଂସଦ, ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ହୋଇ ପାରିଥିଲେ । ସ୍ୱର୍ଗତଃ ବାଜପେୟୀଙ୍କ ସମୟରେ ଜୟ ଯବାନ, ଜୟ କିଷାନ ନାରା ସହ ଜୟ ବିଜ୍ଞାନ ନାରା ଦିଆଯାଇ ଥିଲା । କାର୍ଗିଲ ଯୁଦ୍ଧରେ ପଡ଼ୋଶୀ ଦେଶକୁ ଧୂଳି ଚଟାଇ ଦେଇଥିଲେ । ସେ ଏକ ଧାରାରେ କବି, ରାଜନୀତିଜ୍ଞ, ସାହିତ୍ୟିକ ଏବଂ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ମହନୀୟ ସେବା ପାଇଁ ତାଙ୍କୁ ରାଷ୍ଟ୍ର ତରଫରୁ ଭାରତରତ୍ନ ଉପାଧୀ ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ସମେତ ସରୋଜ ନାୟକ, ବିକ୍ରମ କେଶରୀ ରାଉତରାୟ, ଅନୁପ ପରିଡ଼ା, ଚନ୍ଦନ ପଲେଇ, ପ୍ରଦେଶ ନାୟକ, ଅମିତାଭ ସୁଆର, ନେହେରୁ କୁମାର ସାହୁ, ନିହାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ପଲିଟେକ୍ନିକଠାରେ ଫୁଟବଲ୍ ଟୁର୍ନାମେଣ୍ଟ ସୁରଭି -୨୩ ଉଦଘାଟିତ

ମାଲକାନଗିରି, ୧୭/୦୭ (ନି.ପ୍ର): ମାଲକାନଗିରି ସରକାରୀ ପଲିଟେକ୍ନିକ ଠାରେ ଫୁଟବଲ୍ ଟୁର୍ନାମେଣ୍ଟ ସୁରଭି -୨୩ ଆଜି ଆରମ୍ଭ ହୋଇଯାଇଛି । ଅନୁଷ୍ଠାନର ଖେଳ ପଡିଆ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା । ଏଥିରେ ଅଧ୍ୟକ୍ଷ ଶ୍ରୀ ଜ୍ଞାନ ରଞ୍ଜନ ଦାସ ସ୍ୱାଗତ ସମ୍ବୋଧନରେ ସଭା ଆରମ୍ଭ କରିଥିଲେ ।ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ବେଦବର ପ୍ରଧାନ ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଉପଜିଲ୍ଲାପାଳ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ , ନିମନ୍ତ୍ରିତ ଅତିଥି ଜିଲ୍ଲା ନିୟୋଜନ ତଥା ଦକ୍ଷତା ଅଧିକାରୀ ଶ୍ରୀ ମନସ୍ୱୀ ସେଠି,ମୁଖ୍ୟ ବକ୍ତା ଡ. ରଞ୍ଜନ କୁମାର ସ୍ୱାଇଁ ( ବାଣିଜ୍ୟ ବିଭାଗ ମୁଖ୍ୟ,ମାଲକାନଗିରି କଲେଜ) ଏବଂ ବିଭିନ୍ନ ଅନୁଷ୍ଠାନର ଖେଳ ଶିକ୍ଷକ ରଞ୍ଜିତ କୁମାର ପରିଜା (ସରକାରୀ ଉଚ୍ଚ ବିଦ୍ୟାଳୟ), ନିହାର ରଞ୍ଜନ ଚୌଧୁରୀ (ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ), ସୁରେଶ କୁମାର ତ୍ରିପାଠୀ ( ଉଚ୍ଚ ବିଦ୍ୟାଳୟ, ଏମ.ଭି -୯), ଅଭିଷେକ ରାଉତ(ଓଡିଶା ଆଦର୍ଶ ବିଦ୍ୟାଳୟ), ଏବଂ ଜାମ୍ବବତୀ ସ୍ୱାଇଁ( ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ସତିଗୁଡା) ଇତ୍ୟାଦି ଉପସ୍ଥିତ ଥିଲେ । ବିଭିନ୍ନ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,ସରକାରୀ ଏସଏସଡିବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ,ଆଦର୍ଶ ବିଦ୍ୟାଳୟ,ମହିଳା ଜୁନିଅର ମହାବିଦ୍ୟାଳୟ,ମାଲକାନଗିରି, ମହାବିଦ୍ୟାଳୟ,ସରକାରୀ ଆ.ଟି.ଆଇ ମାଲକାନଗିରି ଇତ୍ୟାଦି ଅନେକ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରିବେ । ଉଦ୍‌ଘାଟନୀ ମ୍ୟାଚରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ସହିତ ନୋଡାଲ ହାଇସ୍କୁଲ ବିପକ୍ଷରେ ୩ -୦ ଗୋଲ୍ରେ ବିଜୟୀ ହୋଇଥିଲା । ଏହି ଟୁର୍ନାମେଣ୍ଟ ଆସନ୍ତା ୨ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅନୁଷ୍ଠାନର ଅମିତ କୁମାର ତିର୍କି (ଇଂରାଜୀ ଅଧ୍ୟାପକ ), ବିପିନ ବିହାରୀ ମହାନ୍ତି (ରସାୟନ ବିଜ୍ଞାନ ଅଧ୍ୟାପକ) , ଆଶିଷ ଶର୍ମା(ଗଣିତ ଅଧ୍ୟାପକ ), ଶର୍ମିଳା ଶବର (ମେକାନିକାଲ୍ ଇଞ୍ଜିନିୟରିଂ ଅଧ୍ୟାପିକା ),ଅବକାଶ ପ୍ରଧାନୀ(ପଦାର୍ଥ ବିଜ୍ଞାନ ଅଧ୍ୟାପକ),ପ୍ରୀତିରଂଜନ ପ୍ରିୟଦର୍ଶୀ ପାତ୍ର (ସିଭିଲ୍ ଇଞ୍ଜିନିୟରିଂ ଅଧ୍ୟାପକ), ଜେ.ବିନୋଦ କୁମାର(ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଅଧ୍ୟାପକ ) ,ପଲ୍ଲବୀ ମହାନ୍ତ(ଯନ୍ତ୍ର ଏବଂ ନିୟନ୍ତ୍ରଣ ଅଧ୍ୟାପିକା) ,ପାର୍ଥସାରଥୀ ମଲ୍ଲିକ(ପ୍ରୟୋଗ ଉପକରଣ ଏବଂ ନିୟନ୍ତ୍ରଣ ଅଧ୍ୟାପକ), ଲକ୍ଷ୍ମଣ ମାଝୀ ଏବଂ ମଙ୍ଗଳ ସିଂ ଇତ୍ୟାଦି ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ଗସ୍ତ

ଜୟପୁର, ୧୭/୦୭ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ବରିଷ୍ଠ ଅଧିକାର ଟିମ ଗସ୍ତ କରିଛନ୍ତି । ଏହି ଟିମରେ ଅଛନ୍ତି ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ନିଦ୍ଦେଷିକା ଯାମିନି ଷଡଙ୍ଗୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ଓ ଅତିରିକ୍ତ ସଚିବ ତଥା ଏସଇଆରଟି ନିଦ୍ଦେଷକ ମନୋଜ କୁମାର ପାଢୀ । ଜୟପୁର ଏୟାର ପୋର୍ଟ ରେ ପହଂଚିବା ପରେ ଏହି ସମସ୍ତ ବରିଷ୍ଠ ଅଧିକାରୀ ୩ଟି ଜିଲା ପରିଦର୍ଶନ କରିଛନ୍ତି । ଯାମିନି ଷଡଙ୍ଗି ନବରଙ୍ଗପୁର, ଜ୍ୟୋତି ରଞ୍ଜନ ମିଶ୍ର କୋରାପୁଟ ଏବଂ ମୋନଜ କୁମାର ପାଢୀ ରାୟଗଡା ଜିଲା ଗସ୍ତ କରିଛନ୍ତି । କୋରାପୁଟ ଜିଲା ଗସ୍ତରେ ଆସିଥିବା ଜ୍ୟୋତି ରଞ୍ଜନ ମିଶ୍ର ପ୍ରଥମେ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ଙ୍କ କାଯ୍ୟାଳୟ,ଜେଲ ରୋଡ ସ୍ଥିତ ପ୍ରାଥମିକ ବିଦ୍ୟାଳୟ, ଡିଆଇଇଟି ଜୟପୁର ଓ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଶିକ୍ଷକ , ଶିକ୍ଷୟତ୍ରୀ ଙ୍କ ସହ ଆଲୋଚନା କରି ବିଦ୍ୟାଳୟ ସମସ୍ୟା ଉପରେ ପଚାରି ବୁଝିବା ସହ ପରାମର୍ଶ ଦେଇଥିଲେ । ମିଶ୍ର ଙ୍କ ସହ ଜିଲା ଶିକ୍ଷାଧିକାରି ରାମ ଚନ୍ଦ୍ର ନାହକ, ବିଇଓ ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କୋରାପୁଟରେ କୃଷି ମନ୍ତ୍ରୀଙ୍କ ବିଭିନ୍ନ କ୍ଷେତ୍ର ପରିଦର୍ଶନ

ଭୁବନେଶ୍ୱର, ୧୭/୦୭ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କୋରାପୁଟ ଗସ୍ତ ସମୟରେ କ୍ଷେତ୍ର ପରିଦର୍ଶନ କରି ଜିଲ୍ଲାରେ କୃଷିକ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ରୂପାୟନକୁ ଅନୁଧ୍ୟାନ କରିଥିଲେ । ପ୍ରଥମ ଦିବସରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୋରାପୁଟ ବ୍ଲକ୍ ଅନ୍ତର୍ଗତ ଲେନ୍ଦ୍ରିମାଳିଗୁଡ଼ା ଗ୍ରାମରେ ଜାତୀୟ ଉଦ୍ୟାନ କୃଷି ମିଶନ ସଂଯୋଜନାରେ ସ୍ଥାପିତ ୧୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ସୋଲାର ଶୀତଳୀକରଣ ଗୃହ ପରିଦର୍ଶନ କରିଥିଲେ । ଶୀତଳୀକରଣ ଗୃହର ରକ୍ଷଣାବେକ୍ଷଣ ପାଇଁ ଇଶ୍ୱର ପାର୍ବତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୃହର ନିର୍ମାତା ଇକୋଫ୍ରଷ୍ଟକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସେହି ଗ୍ରାମର ଇଶ୍ୱର ପାର୍ବତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କ ସମେତ ପ୍ରାୟ ୫୬ ଜଣ ଚାଷୀ ୫୦ ଏକର ଜମିରେ ଆଳୁ, ପନିପରିବା ଓ ମସଲା ଉନ୍ନୟନ ଯୋଜନାରେ କରିଥିବା ଖରିଫ ଆଳୁ ଓ ଅଦା ଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ । ସେଠାରେ ଚାଷୀମାନେ କରିଥିବା ଆମ୍ବ, କଦଳୀ ଓ ଅନ୍ୟାନ୍ୟ ପରିପରିବା ଚାଷ କ୍ଷେତ୍ର ମଧ୍ୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରିଦର୍ଶନ କରିଥିଲେ । ଏହାପରେ ମନ୍ତ୍ରୀ ସ୍ୱାଇଁ ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମା ଗ୍ରାମପଞ୍ଚାୟତର କେନ୍ଦ୍ରୀଗୁଡ଼ା ଗ୍ରାମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ହେଉଥିବା କଫି ନର୍ସରୀ ପରିଦର୍ଶନ କରିବା ସହ କଫି ବଗିଚା ପରିଦର୍ଶନ କରିଥିଲେ ।ଏହି ଅବସରରେ ମନ୍ତ୍ରୀ ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମା ଗ୍ରାମରେ ସମନ୍ୱିତ କୃଷି ତନ୍ତ୍ର କ୍ଷେତ୍ରର ପରିଦର୍ଶନ କରିଥିଲେ । ସମନ୍ୱିତ କୃଷିରେ ବିଭିନ୍ନ ସଂଶ୍ଳିଷ୍ଟ ବିଭାଗର ସଂଯୋଜନାରେ ସଫଳ ରୂପାୟନ ହୋଇ ପାରିଲେ କୃଷି ଓ ଆନୁଷଙ୍ଗିକ କୃଷି ଉତ୍ପାଦନ ବୃଦ୍ଧି ପାଇବା ସହ ଆୟ ଅଭିବୃଦ୍ଧି ହୋଇପାରିବ ବୋଲି ମନ୍ତ୍ରୀ କହବା ସହିତ ଏଥିନିମନ୍ତେ ସଂପୃକ୍ତି ବିଭାଗୀୟ ଅଧିକାରୀମାନଙ୍କୁ ପ୍ରମୁଖ ଧ୍ୟାନ ଦେବା ପାଇଁ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । କୋରାପୁଟ ଗସ୍ତର ଦ୍ୱିତୀୟ ଦିନରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସେମିଳିଗୁଡ଼ାସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିଦର୍ଶନ କରିଥିଲେ । ଏହାର ପୁନରୁଦ୍ଧାର କରିବା ନେଇ ଆବଶ୍ୟକ ପଦକ୍ଷେପମାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ତତ୍ପରେ ପଟାଙ୍ଗୀ ବ୍ଲକ୍ କୋଟିଆ ଗ୍ରାମପଞ୍ଚାୟତର ଜାନିଗୁଡ଼ା ଗ୍ରାମରେ ବାସନା ଗେମେଲଙ୍କ କ୍ଷେତରେ ଷ୍ଟ୍ରବେରୀ ଚାଷ ପରିଦର୍ଶନ କରିଥିଲେ । କୋଟିଆଠାରେ ସ୍ଥାପିତ ହୋଇଥିବା ଦୁଇ ମେଟ୍ରିକ୍ ? ଟନ୍ ? କ୍ଷମତା ବିଶିଷ୍ଟ ସୋଲାର ଶୀତଳୀକରଣ ଗୃହ ମଧ୍ୟ ପରିଦର୍ଶନ କରଥିଲେ । ଏହାପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପଟାଙ୍ଗୀଠାରେ ହାଇ ଅଲ୍‌ଟିଚ୍ୟୁଡ୍ ରିସର୍ଚ୍ଚ ଷ୍ଟେସନ ପରିଦର୍ଶନ କରି ସେଠାରେ ହେଉଥିବା ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଏହାପରେ ସେମିଳିଗୁଡ଼ା ବ୍ଲକ୍ ?ର ରେଙ୍ଗା ଗ୍ରାମରେ ଅଦା, ଆଳୁ, କନ୍ଦମୂଳ ଇତ୍ୟାଦି ଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ । ଏଥିସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସେମିଳିଗୁଡ଼ାଠାରେ ମିଶ୍ରିତ ଫାର୍ମ ଏବଂ ମୃତିକା ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ । ବିଭିନ୍ନ ସ୍ଥାନ ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହିତ କୋରାପୁଟର ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ସିଡିଏଓ, ସଡିଭିଓ, ଡିଡିଏଚ୍, ପିଡି ୱାଟରସେଡ୍, ଡେପୁଟି ଡାଇରେକଫର କଫି ଉନ୍ନୟନ ଏବଂ ସ୍ଥାନୀୟ ବିଡିଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନରେ କୋରାପୁଟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି, ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ, ସିଡିଭିଓମାନଙ୍କର ଏକ ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସମୀକ୍ଷା କରିଥିଲେ ।

# ଠିଆ ହୋଇଥିବା ଟ୍ରକକୁ ଧକ୍କା ଦେଲା ଆମ୍ବୁଲାନ୍ସ: ଡ୍ରାଇଭର ଆହତ

ମାଲକାନଗିରି, ୧୭/୦୭ (ନି.ପ୍ର): ରାସ୍ତାରେ ଠିଆ ହୋଇଥିବା ଟ୍ରକକୁ ଧକ୍କା ଦେଲା ଆମ୍ବୁଲାନ୍ସ । ଫଳରେ ଆମ୍ବୁଲାନ୍ସ ଡ୍ରାଇଭର ଆହତ ହୋଇ ଥିବା ବେଳେ ରୋଗୀ ସୁରକ୍ଷିତ ଥିବାର ଜଣା ପଡ଼ିଛି । ମାଲକାନଗିରି ଜିଲ୍ଲା ସଦର ମହକୁମା ଦୀପ୍ତି କନଭେଣ୍ଟ ସ୍କୁଲ ନିକଟରେ ଦୁର୍ଘଟଣା ଘଟିଛି ।ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଗୁରୁତର ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଧରି ଏକ ୧୦୮ ଆମ୍ବୁଲାନ୍ସ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲା । ମାଲକାନଗିରି ଜିଲ୍ଲା ସଦର ମହକୁମା ଦୀପ୍ତି କନଭେଣ୍ଟ ସ୍କୁଲ ନିକଟରେ ଆମ୍ବୁଲାନ୍ସଟି ଅନ୍ୟଏକ ଗାଡିକୁ ସାଇଟ ଦେବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତାକଡ଼ ରେ ଠିଆ ହୋଇଥିବା ଏକ ୧୦ ଚକିଆ ଟ୍ରକ କୁ ପଛପଟରୁ ଧକ୍କା ଦେଇଥିଲା । ଆମ୍ବୁଲାନ୍ସ ଦ୍ରୁତଗତିରେ ଥିବାରୁ ଠିଆ ହୋଇଥିବା ଟ୍ରକଟି କିଛି ବାଟ ଆଗ କୁ ଠେଲି ହୋଇ ଯାଇ ଆଗରେ ଥିବା ଏକ ଗ୍ୟାରେଜ ନିକଟରେ ରହିଥିବା ବାଇକ ଉପରେ ଚଢି ଯାଇ ଥିଲା । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସର ଆଗ ପାଖ ଭାଙ୍ଗି ଯିବା ସହିତ ବାଇକଟି ମଧ୍ୟ ଭାଙ୍ଗି ରୁଜିଯାଇଛି । ଖବର ପାଇ ଘଟଣା ସ୍ଥଳରେ ମାଲକାନଗିରି ଆଦର୍ଶ ଥାନା ପୁଲିସ ପହଞ୍ଚି ଅନ୍ୟଏକ ଆମ୍ବୁଲାନ୍ସ ଯୋଗେ ଆହତ ଡ୍ରାଇଭର ଓ ରୋଗୀଙ୍କୁ ମାଲକାନଗିରି ଜିଲ୍ଲା ହସ୍ପିଟାଲ କୁ ନେଇ ଥିଲେ । ଦୁର୍ଘଟଣାରେ ଭାଙ୍ଗି ଯାଇଥିବା ହିରୋ ଡିଲକ୍ସ ମଟର ସାଇକେଲ ଟି ତଣ୍ଡିକି ପଞ୍ଚାୟତ ତେନ୍ତୁଳିଗୁଡା ଗ୍ରାମର କୁମର ପଡ଼ିଆମୀ ଙ୍କ ର ।

# ରାଜଧାନୀରେ ସବୁ ସ୍କୁଲରେ କରାଯିବ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୭/୦୭ (ନି.ପ୍ର): ବିଏମସି(ଭୁବନେଶ୍ୱର ମହାନଗର ନିଗମ) ପକ୍ଷରୁ ସବୁ ସ୍କୁଲରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯିବ । ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଡେଙ୍ଗୁ ନେଇ ସଚେତନ କରାଯିବ । ସ୍କୁଲରେ ସଚେତନତା ବ୍ୟତୀତ ଘର ଘର ବୁଲି ସଚେତନତା କାର୍ଯ୍ୟକ୍ରମ ବଢ଼ାଇବା, ସଫେଇ ଏବଂ ଘର ଭିତର ସଫା ରଖିବାକୁ ପରାମର୍ଶ ଦେବ ବିଏମସି । ରାଜଧାନୀରେ ବଢୁଥିବା ଡେଙ୍ଗୁ ରୋଗୀଙ୍କ ସଂଖ୍ୟାକୁ ଦେଖି ବିଭିନ୍ନ ନିଷ୍ପତ୍ତି ନିଆଯାଇଛି । ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଘର ଘର ଅଭିଯାନରେ ଏଯାଏ ୪ ହଜାର ୩୦୯ ଘରକୁ ପହଞ୍ଚିଛି ବିଏମସି । ବିଭିନ୍ନ ୱାର୍ଡରେ ଘରକୁ ଘର ଯାଇ ସଚେତନତା ସୃଷ୍ଟି କରିବା ସହ ହଜାରେରୁ ଅଧିକ ମଶା ଲାର୍ଭା ଉତ୍ପତ୍ତି ସ୍ଥଳ ନଷ୍ଟ କରାଯାଇଛି । ଭୁବନେଶ୍ୱରରେ ଏଯାବତ ୧୧୬୪ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ କେବଳ ୪୭୧ ରୋଗୀ ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏବେ ବି ୫୦ ରୋଗୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଡେଙ୍ଗୁକୁ ରୋକିକିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସମୟରେ ସାଧାରଣ ଲୋକ ମଧ୍ୟ ସହଯୋଗ କରିବା ଏବଂ ନିଜ ଆଖପାଖ ସଫା ରଖିବାକୁ ପରାମର୍ଶ ଦେଇଛନ୍ତି ବିଏମସି କମିଶନର ।

# ୧୦୦ ଫୁଟ୍ ଧସିଲା ବୈତରଣୀ ନଦୀବନ୍ଧ : ଭୟଭୀତ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା

ଦଶରଥପୁର, ୧୭/୦୭ (ନି.ପ୍ର): ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ କମାରଡ଼ିହ ପଞ୍ଚାୟତ ବଳରାମପୁର ଠାରେ ବୈତରଣୀ ନଦୀବନ୍ଧ ପ୍ରାୟ ୧୦୦ ଫୁଟରୁ ଅଧିକ ଲମ୍ବର ଧସି ନଦୀ ଗର୍ଭରେ ଲୀନ ହୋଇଛି । ବନ୍ଧର ୭୫ ଭାଗ ଧସି ନଦୀରେ ଲୀନ ହୋଇଯାଇଛି । ଏହାଫଳରେ ଆଖପାଖ ଅଂଚଳର ୩ଟି ଫଂଚାୟତର ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ନଦୀ ବନ୍ଧଟି ଧସିବା ଯୋଗୁ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ବନ୍ଧ ପାଶ୍ୱର୍ରେ ଥିବା ପଥର ଓ ବଡ଼ ବଡ଼ ଗଛ ନଦୀ ଭିତରକୁ ଖସି ପଡ଼ିଛି । ଅତି ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏଭଳି ହୋଇଥିବା ଅଭିଯୋଗ ହୋଇଛି । ପ୍ରତିବର୍ଷ ନଦୀବନ୍ଧ ମରାମତି ନାମରେ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ସ୍ଥଳେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ନଦୀବନ୍ଧ ଧସିଯିବାର ପ୍ରମୁଖ କାରଣ ବୋଲି ଅଂଚଳବାସୀ ଅଭିଯୋଗ କରିଛନ୍ତି । ଚଳିତ ବର୍ଷ ବୈତରଣୀ ନଦୀବନ୍ଧ ସୁଦୃଢ଼ିକରଣ ପାଇଁ ଜଳସଂପଦ ବିଭାଗ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ କେଉଁ କାରଣରୁ ବନ୍ୟା ସମୟରେ ଏଭଳି ଅଘଟଣ ଘଟିଲା ତାହାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଥାଉକି ଚଳିତ ବର୍ଷ ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ବନ୍ଧ ସଂପ୍ରସାରଣ କାର୍ଯ୍ୟଟିକୁ ଠିକାଦରା ନିହାର ମାନ୍ଧାତା କାର୍ଯ୍ୟ କରୁଥିଲେ । ମାତ୍ର ନଦୀବନ୍ଧ ତଳୁ ମାଟି କାଟି ବନ୍ଧ ମରାମତି କରିବା, ବାଲିଆ ମାଟିରେ କାର୍ଯ୍ୟ କରିବା ସହ ଠିକ ଭାବରେ ରୋଲିଙ୍ଗ କରାଯାଇନଥିବାରୁ ଏଭଳି ଧସିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଖାଲି ସେତିକୁ ନୁହେଁ, ସମ୍ପୂର୍ଣ୍ଣ ବନ୍ଧ ଅତିନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ସମ୍ପୂର୍ଣ୍ଣ ବନ୍ଧର ନୂଆ ମାଟି ଏବଂ ପୁରୁଣା ମାଟି ମଧ୍ୟରେ ଫାଟ ସୃଷ୍ଟି ହୋଇଛି । ଏଣୁ ଏହି କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।



# ଦାନ ସୂତ୍ରେ ଦେଇଥିବା ଜମି ଜବରଦଖଲ କବଳରୁ ଉଦ୍ଧାର ଦାବିରେ ଗଣଧାରଣା

ଜୟପୁର, ୧୭/୦୭ (ନି.ପ୍ର): ଦାନ ଜମି ଜବରଦଖଲ ହୋଇଥିବା ନେଇ ଜୟପୁର ଉପଖଣ୍ଡ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । କିନ୍ତୁ, ପ୍ରଶାସନ କିଛି ପଦକ୍ଷେପ ଗ୍ରହଣ କରିନାହିଁ । ଦାନ ସୂତ୍ରରେ ମିଳିଥିବା ସ୍ଥଳକୁ ଉପଖଣ୍ଡ ପ୍ରଶାସନ ଅଧିକାରି ତୁରନ୍ତ ଜବରଦଖଲକାରିଙ୍କ କବଳରୁ ମୁକ୍ତ କରି ପ୍ରଦାନ କରିବାକୁ ଦାବି କରି ଗଣଧାରଣା ଦିଆଯାଇଛି । ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟ ସମ୍ମୁଖରେ ସମାଜସେବି ବି. ହରି ରାଓ, ମୁଗୁଡା ସୁରିୟାନାରାୟଣା, ସତ୍ୟବ୍ରତ ନନ୍ଦଙ୍କ ନେତୃତ୍ୱରେ ଦାନ ସୂତ୍ରରେ ପାଇଥିବା ବ୍ୟକ୍ତି ମାନେ ଗଣ ଧାରଣା ଦେଇଛନ୍ତି । ତେଣୁ ପ୍ରଶାସନ ଉକ୍ତ ବିଷୟକୁ ଗୁରୁତର ସହ ନେଇ ମୁଗୁଡା ସୁରିୟା ନାରାୟଣାଙ୍କ ଜମି ବ୍ୟତୀତ ସେ ଦାନ ସୂତ୍ରରେ ଦେଇଥିବା ଜମିକୁ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ଉଦ୍ଧାର କରିବା ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଏନେଇ ଗତ ୯ ତାରିଖରେ ପ୍ରଶାସନ ପଦକ୍ଷେପ ନନେଲେ ଗଣଧାରଣା ଦିଆଯିବ ବୋଲି ଦାବିପତ୍ର ମାଧ୍ୟମରେ ଚେତାବନୀ ଦିଆଯାଇଥିଲା । ପ୍ରଶାସନ କିଛି ପଦକ୍ଷେପ ନନେବାରୁ ଗଣଧାରଣା ଦିଆଯାଇଥିବା ସୂଚନା ଦିଆଯାଇଛି । ଜୟପୁର ପ୍ରସାଦରାଓ ପେଟାର ମୁଗୁଡା ସୁରିୟାନାରାୟଣା ତାଙ୍କର ଜଗନ୍ନାଥପୁର ମୌଜାରେ ଥିବା ୨.୩୦ ଏକର ଜମିକୁ ଗରିବ ଲୋକଙ୍କୁ ବଂଟନ କରିଥିଲେ । କେତେକ ଜମିକୁ ଆସାମାଜିକ ଲୋକ ମାନେ ଜବରଦଖଲ କରି ରଖିଛନ୍ତି । ଯଦ୍ୱାରା କି ଯେଉଁ ଲୋକଙ୍କୁ ଦାନ କରାଯାଇଛି ଉକ୍ତ ଲୋକ ମାନେ ନିଜ ନିଜ କୁଡିଆ କିମ୍ବା ଗୃହ ଖଣ୍ଡିଏ ନିର୍ମାଣ କରିବାକୁ ଚାହିଁବା ସମୟରେ ଉକ୍ତ ଅସାମାଜିକ ବ୍ୟକ୍ତି ମାନେ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି ।

# ଆନ୍ଧ୍ରର ଆଉ ଏକ ନୂଆ ଚାଲ୍ : କୋଟିଆ ପଞ୍ଚାୟତରେ ତିଆରି କଲା ତେଲୁଗୁ ଫଳକ



କୋଟିଆ, ୧୭/୦୭ (ନି.ପ୍ର): ଆଦୌ ମାନୁନି ଆନ୍ଧ୍ରା । କୋଟିଆକୁ ନିଜ ଅକ୍ତିଆରକୁ ନେବାକୁ ଖେଳୁଛି ନୂଆ ନୂଆ ଚାଲାକି । ପୂର୍ବରୁ ଭତ୍ତା ସହିତ ବିଭିନ୍ନ ଯୋଜନା ମାଧ୍ୟମରେ କୋଟିଆର ଲୋକଙ୍କୁ ପ୍ରଲୋଭିତ କରିବା ପାଇଁ ନିଜ ଅଧିକାରୀଙ୍କୁ ସେଠାକୁ ପଠାଉଥିବା ବେଳେ ଏଥର ରଚିଛି ନୂଆ ଚାଲ୍ । କୋରାପୁଟ ଜିଲ୍ଲା କୋଟିଆ ପଞ୍ଚାୟତର ଧୂଳିପଦରରେ ଆନ୍ଧ୍ର ତିଆରି କରିଛି ତେଲୁଗୁ ଫଳକ । ଯେଉଁଥିରେ ତେଲୁଗୁ ଭାଷାରେ ଲେଖାଯାଇଛି ଯେ, କେନ୍ଦ୍ରର ମନେରେଗା ଯୋଜନା ସହ ଜମି, ଜଳ, ଜଙ୍ଗଲ ସବୁ ତୁମର । ଏହାର ସୁରକ୍ଷା ତୁମ ହାତରେ ବୋଲି ଆନ୍ଧ୍ର ପ୍ରଶାସନ ତରଫରୁ ଲେଖାଯାଇଛି । ଗତ ଶନିବାର ସନ୍ଧ୍ୟା ସମୟରେ ଧୂଳିପଦରରେ ଆନ୍ଧ୍ର ଅଧିକାରୀ ପହଞ୍ଚି ବୋର୍ଡଟିକୁ ନିର୍ମାଣ କରିଥିଲେ । ସେଥିରେ କେନ୍ଦ୍ରର ଯୋଜନା ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ରହିଛି । ତେବେ ଆନ୍ଧ୍ର ଏବଂ କେନ୍ଦ୍ରର ମିଳିତ ଲେଖା ଦେଖି କୋଟିଆକୁ ହାତେଇବା ପାଇ ଆନ୍ଧ୍ରର ଏହା ନୂଆ ଚାଲ୍ ବୋଲି କହିଛନ୍ତି ସ୍ଥାନୀୟ ଜନ ପ୍ରତିନିଧି । ଏନେଇ ଜିଲ୍ଲା ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିନାହିଁ । ପଟାଙ୍ଗି ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମଲ କହିଛନ୍ତି, ଆନ୍ଧ୍ରର ଏପରି କାମକୁ ମୁଁ ନିନ୍ଦା କରୁଛି । ଆନ୍ଧ୍ର କୋଟିଆକୁ ଅକ୍ତିଆର କରିବାକୁ ଗୋଟିଏ ପରେ ଗୋଟିଏ ଷଡ଼ଯନ୍ତ୍ର କରୁଛି ।

# ଟିଟିଲାଗଡ଼କୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବି: ୧୨ ଘଣ୍ଟିଆ ବନ୍ଦ ପାଳନ, ଜନଜୀବନ ପ୍ରଭାବିତ



ଟିଟିଲାଗଡ଼, ୧୭/୦୭ (ନି.ପ୍ର): ଟିଟିଲାଗଡ଼କୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ଟିଟିଲାଗଡ଼ ବନ୍ଦ ପାଳନ ହେଉଛି । ଏହାଫଳରେ ଜନଜୀବନ ପ୍ରଭାବିତ । ଆଜି ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଏହି ବନ୍ଦ ପାଳିତ ହେଉଛି । ଆଜି ଟିଟିଲାଗଡ଼ରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଛି । ତେବେ ଜରୁରୀ ସେବାକୁ ବନ୍ଦରୁ ବାଦ ଦିଆଯାଇଛି ।

ଅଞ୍ଚଳର ୩୧ ବର୍ଷର ଏହି ଦାବିକୁ ସମର୍ଥନ ଜଣାଇ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର ସଭ୍ୟ ବନ୍ଦ ପାଳନରେ ସାମିଲ ହୋଇଛନ୍ତି । ପୁଲିସ ପକ୍ଷରୁ ଆଇନଶୃଙ୍ଖଳାକୁ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ଭାରତର ସର୍ବ-ପୁରାତନ ଗୀର୍ଜା

ଭାରତବର୍ଷର ପ୍ରାଚୀନତମ ଗିର୍ଜା ରହିଛି କେରଳର ତ୍ରିଶୂର ଜିଲ୍ଲା ଅନ୍ତର୍ଗତ ପାଲାୟୁରରେ- 'ସେଣ୍ଟ୍ ଟମାସ୍ ସାଇରୋ-ମାଲାବାର କାଥଲିକ୍ ଚର୍ଚ୍'। ପ୍ରଭୁ ଜିଜସ୍‌ଙ୍କ ଦ୍ୱାଦଶ ଶିଷ୍ୟଙ୍କ ମଧ୍ୟରେ ଅନ୍ୟତମ ସେଣ୍ଟ୍ ଟମାସ୍ ୫୨ ଖ୍ରୀଷ୍ଟାବ୍ଦରେ



ସେଇଟି ତିଆରି କରାଇଥିଲେ। ତାଙ୍କ ଦ୍ୱାରା ଭାରତରେ ନିର୍ମିତ ସାତଟି ଚର୍ଚ୍ ମଧ୍ୟରେ ପାଲାୟୁର ଗିର୍ଜା ସବୁଠାରୁ ପୁରୁଣା। ସେଣ୍ଟ୍ ଟମାସ୍ ଭାରତରେ ମୋଟ ସତର ବର୍ଷ ରହିଥିଲେ; ଚାରି ବର୍ଷ ସିନ୍ଧ (ବର୍ତ୍ତମାନ ପାକସ୍ତାନରେ)ରେ, ଛଅ ବର୍ଷ ପାଲାୟୁରରେ ଓ ସାତ ବର୍ଷ ତମିଳ ନାଡୁର ମାଇଲାପୁରମରେ। ତାଙ୍କର ଭାରତ ଆଗମନକୁ ବିଶେଷ ଗୁରୁତ୍ୱ ଦିଆଯାଏ। କାରଣ ତାଙ୍କ ଦ୍ୱାରା ହିଁ ଭାରତରେ କିରସ୍ତାନ ଧର୍ମ ପ୍ରଚଳନ-ପ୍ରସାରିତ ହୋଇଥିଲା। ଧର୍ମନିରପେକ୍ଷ ଭାରତ ସରକାର ତାଙ୍କ ଆଗମନକୁ ସ୍ମରଣୀୟ କରିବା ପାଇଁ ୧୯୬୪ ଓ ୧୯୭୩ରେ ଦୁଇଟି ଡାକ ଟିକଟ୍ ପ୍ରଚଳନ କରିଥିଲେ। ସେଂଟ ଟମାସ୍‌ଙ୍କ ଆଗମନ ସମୟରେ ପାଲାୟୁର ବ୍ରାହ୍ମଣ ଓ ଇହୁଦିଙ୍କ ବାସସ୍ଥାନ ଥିଲା। ଏବେ ଯେଉଁଠି ପାଲାୟୁର ଗିର୍ଜା ରହିଛି, ସେଠାରେ ଏକ ହିନ୍ଦୁ ମନ୍ଦିର ଓ ଏକ ଇହୁଦି ଧର୍ମପୀଠର ଧ୍ୱଂସାବିଶେଷ ଥିଲା। ଏକ କିଂବଦନ୍ତିଅନୁଯାୟୀ ସେଠାରେ ସେଣ୍ଟ୍ ଟମାସ୍ ପହଂଚି ଦେଖିଲେ, ଦଳେ ବ୍ରାହ୍ମଣ ସୂର୍ଯ୍ୟପୂଜା କରୁଛନ୍ତି। ସେ କହିଲେ, 'ଆପଣମାନେ ଉପରକୁ ଛାଟୁଥିବା ଜଳ ଭଗବାନ୍ ଗ୍ରହଣ କରୁ ନ ଥିବାରୁ ଭୂଇଁରେ ପଡୁଛି। ମୋ ଧର୍ମ ଗ୍ରହଣ କଲେ, ଭଗବାନ୍ ଜଳ ଗ୍ରହଣ କରିବେ ଓ ତାହା ଭୂଇଁରେ ପଡିବ ନାହିଁ।' ବ୍ରାହ୍ମଣମାନେ ତାଙ୍କ କଥା ମାନିବାରୁ ସେ ଚମତ୍କାର ଦେଖାଇଲେ। ତାଙ୍କ ଦ୍ୱାରା ଉପରକୁ ଛଟାଯାଇଥିବା ଜଳ ଶୂନ୍ୟରେ ଝୁଲି ରହିଲା। ପାଲାୟୁରେ ବ୍ରାହ୍ମଣ ମାନଙ୍କ ମଧ୍ୟରୁ କିଛି ସେ ଦୃଶ୍ୟ ଦେଖି ଚକିତ ହେଲେ ଏବଂ କିରସ୍ତାନ ଧର୍ମ ଗ୍ରହଣ କଲେ। ସେଠାରେ ଗିର୍ଜା ସ୍ଥାପିତ ହେଲା। ଅବଶିଷ୍ଟ ବ୍ରାହ୍ମଣ ସ୍ଥାନଟିକୁ ଶାପଗ୍ରସ୍ତ କହି ଚିରଦିନ ପାଇଁ ନିଜର ବାସସ୍ଥାନ ତ୍ୟାଗ କରି ୱେମ୍ବନାଡ଼ ଚାଲିଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କେରଳର ନମ୍ବୁଦ୍ରୀ ବ୍ରାହ୍ମଣ ମାନେ ଆଜି ମଧ୍ୟ ପାଲାୟୁର ଗୀର୍ଜା ନିକଟରେ ଜଳ ଏପରିକି ସେଠାକାର ଗଛର ପଇଡ ପାଣି ମଧ୍ୟ ପାନ କରନ୍ତି ନାହିଁ।

# ଶିଶୁର ଉଜ୍ଜ୍ୱଳ ତ୍ୱଚା

**ପ୍ରତ୍ୟେକ ମହିଳାଙ୍କ ଜୀବନରେ ମା' ହେବା ଏକ ସ୍ମରଣୀୟ ମୁହୂର୍ତ୍ତ। ମାତୃତ୍ୱ ହିଁ ନାରୀ ଜୀବନର ସମ୍ପୂର୍ଣ୍ଣତା ଆଣିଦିଏ। ଅଧିକାଂଶ ମା' ଚାହାନ୍ତି ସେମାନଙ୍କ ଶିଶୁର ରଙ୍ଗ ସଫା ଏବଂ ତା'ର ତ୍ୱଚା ଉଜ୍ଜ୍ୱଳ ହେଉ। ତେବେ ଶିଶୁର ରଙ୍ଗ କିପରି ଉଜ୍ଜ୍ୱଳ ହେବ ତାହା ଅଧିକାଂଶ ମା' ଜାଣନ୍ତିନି। ଏନେଇ କିଛି ଟିପ୍ସ....**



■ ଶିଶୁର ତ୍ୱଚାକୁ ଅଧିକ ସଫା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ହେଉଛି ହଟ୍ ଅଏଲ ମସାଜ୍। ଏହା ଏକ ପୁରୁଣା ପଦ୍ଧତି ଏବଂ ଅନେକ ପିଢ଼ି ହେବ ଚାଲି ଆସିଛି। ପ୍ରତିଦିନ ଶିଶୁର ତ୍ୱଚାକୁ ଉଷୁମ ତେଲର ମସାଜ୍ କରିବା ଉଚିତ୍।

■ ଶିଶୁର ତ୍ୱଚା ଅନ୍ୟମାନଙ୍କ ତୁଳନାରେ ୧୦ଗୁଣ ଅଧିକ ସମ୍ବେଦନଶୀଳ ତେଣୁ ସେମାନଙ୍କ କ୍ଷେତ୍ରରେ କିଛି ବଡ଼ି ପ୍ୟାକ ଆପ୍ଲାଏ କରିପାରିବେ ଯାହା ପ୍ରକୃତରେ ନ୍ୟାଚୁରାଲ ହୋଇଥିବ। ସପ୍ତାହରେ ଥରେ ଆପଣଙ୍କ ଶିଶୁର ଶରୀରରେ ବଡ଼ିପ୍ୟାକ ଆପ୍ଲାଏ କରନ୍ତୁ। ବଡ଼ି ପ୍ୟାକ କିଣିବା ପରିବର୍ତ୍ତେ ଆପଣ ହଳଦୀ, ଦୁଗ୍ଧ ଏବଂ ଚନ୍ଦନ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହି ପ୍ୟାକ ତ୍ୱଚାରେ ଭଲଭାବେ ମାରନ୍ତୁ ଏବଂ ଅଳ୍ପ ଦିନରେ ଶିଶୁ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରାନ୍ତୁ।

■ ସ୍କ୍ରବ୍ ଶବ୍ଦକୁ ନେଇ ଆଦୌ କନଫ୍ୟୁଜ ହୁଅନ୍ତୁନି। ଏହା କୌଣସି ଅର୍ଡ଼ିନାରୀ ସ୍କ୍ରବ ନୁହେଁ ଯାହା ଆପଣ ସବୁ ସ୍ଥାନରେ ପାଇପାରିବେ। ଏହାକୁ ଆପଣ ବେସନ, ଦୁଗ୍ଧ, ଗୋଲାପ ଜଳ ଏବଂ ହଳଦୀ ମିଶାଇ ପ୍ରସ୍ତୁତ କରିପାରିବେ। ଏହି ସ୍କ୍ରବ୍ ସ୍ମୁଥ୍ ଏବଂ ଶିଶୁର ତ୍ୱଚାରେ କୌଣସି କ୍ଷତି ନପହଞ୍ଚାଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

■ ଶିଶୁର ତ୍ୱଚାକୁ ଆଦୌ ଶୁଷ୍କ ହେବାକୁ ଦିଅନ୍ତୁନି। ମାର୍କେଟରେ ଉପଲବ୍ଧ ହେଉଥିବା ବେବି ମଏଶ୍ଚରାଇଜିଙ୍ଗ କ୍ରିମ ଆପ୍ଲାଏ କରନ୍ତୁ। ଶିଶୁ ପାଇଁ ବେଷ୍ଟ ପ୍ରଡକ୍ଟ କିଣିବାବେଳେ ଆପଣଙ୍କୁ ଟିକେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। ଯଦି ଆପଣ ଜାଣିପାରୁନାହାନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ତେବେ କୌଣସି ଡର୍ମାଟୋଲୋଜିଷ୍ଟଙ୍କ ଉପଦେଶ ନିଅନ୍ତୁ।

■ ଶିଶୁ ଶରୀରରେ ଆଦୌ ସାବୁନ ଲଗାନ୍ତୁନି।।

# ମଧୁମେହର ମେଟାବଲିକ୍ ଅସ୍ତ୍ରୋପଚାର

ଭାରତରେ ୬୨ ନିୟୁତ ମଧୁମେହ ରୋଗୀ ଅଛନ୍ତି। ବିଶ୍ୱରେ ମଧୁମେହ ରୋଗୀଙ୍କ ତାଲିକାରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନାରେ ଏହି ରୋଗରେ ୯୨ ନିୟୁତ ଲୋକ ଆକ୍ରାନ୍ତ ବୋଲି ଏକ ପରିସଂଖ୍ୟାନରୁ ଜଣାପଡିଛି। କ୍ରମବର୍ଦ୍ଧିଷ୍ଣୁ ଆକ୍ରାନ୍ତଙ୍କ ସଂଖ୍ୟା ଯୋଗୁ ଭାରତରେ ଏହି ରୋଗକୁ ନେଇ ଗତ କିଛି ବର୍ଷ ହେଲା ବ୍ୟବସାୟ ମଧ୍ୟ ବଢ଼ିବାରେ ଲାଗିଛି। ଇନ୍‌ସୁଲିନ୍ ଓ ଇଞ୍ଜେକ୍‌ସନ୍ ବିନା ଗ୍ଲୁକୋଜ୍ ମନିଟରିଂ ସିଷ୍ଟମ୍ ବହୁଳ ଭାବେ ଭାରତୀୟ ବଜାରରେ ବିକ୍ରି ହେଉଛି। ଏଗୁଡିକ ଭିନ୍ନ ଭିନ୍ନ ଆକାର ଓ ମୂଲ୍ୟର ଉପଲବ୍ଧ ହେଉଛି। ଏବେ ରୋଗୀଙ୍କ ପାଇଁ ମେଟାବଲିକ୍ ଅସ୍ତ୍ରୋପଚାର ନୂଆ ଆଶା ସଞ୍ଚାର କରୁଛି। ଏହା ମାଧ୍ୟମରେ ୮୦ ପ୍ରତିଶତ ରୋଗୀ ଆରୋଗୀ ଲାଭ କରିପାରୁଛନ୍ତି। ରକ୍ତର ଶର୍କରା ପରିମାଣ ନିୟନ୍ତ୍ରଣ କରିପାରିଲେ ମଧୁମେହ ରୋଗକୁ ଏଡାଇ ହେବ। ସଚେତନତା ଓ ଚିକିତ୍ସାଧୀନ ଥିଲେ ମଧ୍ୟ ଅଧିକାଂଶ ରୋଗୀ ଶର୍କରା ପରିମାଣ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି। ଏହାର କାରଣ ଟାଇପ୍-୨ ମଧୁମେହରେ ରୋଗୀଙ୍କ ଇନ୍‌ସୁଲିନ୍ ଅଭାବ ନୁହେଁ, ବରଂ ଇନ୍‌ସୁଲିନ୍ ପ୍ରତି ଶରୀରର ରୋଗ ପ୍ରତିରୋଧକ ଶକ୍ତି। ଆମ ଦେଶରେ ଇନ୍‌ସୁଲିନ୍‌ର ବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ ବିଭିନ୍ନ ଔଷଦ ପ୍ରସ୍ତୁତକାରୀ ନିୟାମକ ସଂସ୍ଥା ଏହାର ମୂଲ୍ୟ ହ୍ରାସ ଦିଗରେ ଗୁରୁତ୍ୱ ଦେବା ଉଚିତ। ଏହି କ୍ଷେତ୍ରରେ ଦେଖାଯାଉଛି ଯେ, ପୁରୁଣା ଇନ୍‌ସୁଲିନ୍ ଠାରୁ ନୂଆର ମୂଲ୍ୟ ଅଧିକ ରହୁଛି।



ତେଣୁ ରୋଗୀ ଏହାକୁ ବ୍ୟବହାର କରି ଚିକିତ୍ସିତ ହେବାର ସକ୍ଷମ ହେଉନାହାନ୍ତି। କେତେକ କ୍ଷେତ୍ରରେ ରୋଗୀମାନେ ଇନ୍‌ସୁଲିନ୍ ଗ୍ରହଣ କରି ମଧ୍ୟ ରୋଗମୁକ୍ତ ହେଉନାହାନ୍ତି। ଏଥିପାଇଁ ମେଟାବଲିକ୍ ଅସ୍ତ୍ରେପଚାରର ସହାୟତା ନିଆଯାଉଛି। ୧୯୫୦ ଦଶକରେ ମୋଟା ଲୋକଙ୍କ ଓଜନ ହ୍ରାସ କରିବା ପାଇଁ ଏହି ପ୍ରକାର ଅସ୍ତ୍ରୋପଚାର କରାଯାଉଥିଲା। ୨୦୦୪ରେ ହୋଇବା ଏକ ଗବେଷଣାରୁ ମେଟାବଲିକ୍ ଅସ୍ତ୍ରୋପଚାର ସୁଫଳ ସମ୍ପର୍କରେ ନୂଆ ତଥ୍ୟ ଜଣାପଡିଲା।

# ନିୟନ୍ତ୍ରିତ ହେଉ ଲୁଣର

ଲୁଣର ବ୍ୟବହାର ଅଧକାଂଶ ବ୍ୟଞ୍ଜନରେ ନିହାତି ଭାବେ ଅପରିହାର୍ଯ୍ୟ। ତେବେ ଲୁଣର ବ୍ୟବହାରକୁ ନେଇ ସାମାନ୍ୟ ସଚେତନତା ଅବଲମ୍ବନ କରିବା ଉଚିତ। ନଚେତ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦୈନିକ ଜଣେ ବ୍ୟକ୍ତି ମାତ୍ର ୨ ଚିମୁଟା ଲୁଣ ଖାଦ୍ୟରେ ଖାଇବା ଉଚିତ।



ଅଧିକ ପରିମାଣରେ ଲୁଣ ଖାଉଥିବା ଲୋକଙ୍କୁ ମାତ୍ରାଧିକ ଶୋଷ ଲାଗେ। ଲୁଣର ଅଧିକ ପ୍ରୟୋଗରେ ଜଣେ ବ୍ୟକ୍ତି ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇପାରେ। ଏହାର ପ୍ରୟୋଗ ଅଧିକ ହେଲେ ବ୍ୟକ୍ତିକୁ ଅସହଜ ଲାଗିବା ସହ ପେଟ ଫୁଲିଯାଏ। ମୁହଁ, ହାତରେ ଚର୍ମ କୁଣ୍ଡାଇହୁଏ। ଲୁଣ ଅଧିକ ଖାଇଲେ ହାଡ଼ ଦୁର୍ବଳ ହୋଇଥାଏ। ହୃଦରୋଗୀମାନେ ଲୁଣ ଖାଇବା ଯଥେଷ୍ଟ କମ ଦରକାର। ପିଲାଙ୍କୁ ଯଥାସମ୍ଭବ ଆବଶ୍ୟକ ଅନୁଯାୟୀ ଲୁଣ ପ୍ରୟୋଗ ହୋଇଥିବା ଖାଦ୍ୟ ଖୁଆଇବା ଉଚିତ।

# ତ୍ୱଚା ପାଇଁ କମଳା ଚୋପା



**ଆମେ ସାଧାରଣତଃ କମଳା ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଉ। ହେଲେ ଜାଣନ୍ତିକି ତ୍ୱଚା ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଏହି କମଳା ଚୋପା ବେଶ୍ ଉପକାରୀ। ଜାଣନ୍ତୁ ସେ ସମ୍ପର୍କରେ...**

- ତ୍ୱଚା ପାଇଁ କମଳା ଏକ ପ୍ରାକୃତିକ ଔଷଧ ପରି କାମ କରେ। କମଳା ଚୋପାକୁ ଗୁଣ୍ଡ କରି ଏଥିରେ ଅଳ୍ପ ପାଣି ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ମୁଲାୟମ କରିଥାଏ।

- ଦୁଇ ଚାମଚ କମଳା ଚୋପା ଗୁଣ୍ଡରେ ଗୋଟିଏ ଚାମଚ ମହୁ ଓ ଗୋଟିଏ ଚାମଚ ଦହି ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଶୁଖିଗଲା ପରେ ସାମାନ୍ୟ ଉଷୁମ ପାଣିରେ ମୁହଁ ଧୋଇ ହାଲକା ଭାବେ ପୋଛନ୍ତୁ। ଏଭଳି ପ୍ରକ୍ରିୟା କିଛିଦିନ ଜାରି ରଖିଲେ ମୁହଁରୁ ଦାଗ ଦୂର ହୋଇଯିବ।

- କମଳା ଚୋପା ଗୁଣ୍ଡ ତେଲିଆ ତ୍ୱଚା ପାଇଁ ବେଶ୍ ଉପକାରୀ। ଦୁଇ ଚାମଚ କମଳା ଚୋପା ଗୁଣ୍ଡ, ଗୋଟିଏ ଚାମଚ ଓଟ୍‌ମିଲ୍ସ ଏବଂ ଗୋଟିଏ ଚାମଚ ବେକିଂ ସୋଡ଼ାର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଶୁଖିଗଲା ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାରୁ ମଇଳାକୁ ବାହାର କରିବା ସହ ଅତ୍ୟଧିକ ତେଲ, ବ୍ୟାକ୍ଟେରିଆ ଆଦିରୁ ରକ୍ଷା କରିଥାଏ।

# ଶ୍ୱାସ ଦୁର୍ଗନ୍ଧ ଦୂର କରନ୍ତୁ

ଆପଣଙ୍କ ଶ୍ୱାସପ୍ରଶ୍ୱାସରେ ଦୁର୍ଗନ୍ଧ ବାହାରୁଥିବା ନେଇ କେହି ଅଭିଯୋଗ କରିବା କିମ୍ୱା ପାଖରେ ଠିଆ ହୋଇ କଥା ନ ହେବା ଭଳି ଅପମାନଜନକ ସ୍ଥିତିର ଯଦି ସାମ୍‌ନା କରୁଛନ୍ତି ତେବେ ବ୍ୟୟବହୁଳ ମାଉଥୱାସ ବ୍ୟବହାର ନକରି ନିଜ ଶରୀରକୁ ଆବଶ୍ୟକତା ଅନୁସାରେ ଜଳ ଯୋଗାନ୍ତୁ।

ଭିଟାମିନ ସି : କମଳା ଓ ଲେମ୍ବୁ ଜାତୀୟ ମିଠା ଓ ଖଟା ଫଳରେ ଭରପୂର ମାତ୍ରାରେ ଭିଟାମିନ ସି ରହିଥାଏ। ଏହି ଫଳ ମୁହଁର ଦୁର୍ଗନ୍ଧ ଦୂର କରିବାରେ ବେଶ୍ ସହାୟକ। ଭିଟାମିନସି ଦୁର୍ଗନ୍ଧ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ନଷ୍ଟ କରିଥାଏ।



ଭିଟାମିନ ସି ଥିବା ଖାଦ୍ୟପଦାର୍ଥ ଖାଇବା ସହ ସ୍ୱେଶାଲ ଚା' ପିଇ ଏପରି ସମସ୍ୟାର ସମାଧାନ କରିପାରିବେ। ଏହି ସମସ୍ୟାରୁ ମୁକୁଳିବାରେ କେତେକ ସାଧାରଣ ଟିପ୍ସ:

ଜଳ : ନିୟମିତ ବ୍ୟବଧାନରେ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହିତ ଅଳ୍ପଅଳ୍ପ ପାଣିରେ କୁଳି କରନ୍ତୁ। ଶରୀରରେ ଜଳସ୍ତର ହ୍ରାସ ପାଇଲେ, ମୁହଁରେ ଲାଳ ସୃଷ୍ଟି ହେବା ବନ୍ଦ ହୋଇଯାଏ। ମୁହଁରେ ଲାଳ ସୃଷ୍ଟି ହେଲେ ହିଁ ସେଠାରେ ଥିବା ଜୀବାଣୁ ସଫା ହୋଇଥାନ୍ତି ଏବଂ ଲାଳର ମାତ୍ରା ହ୍ରାସ ପାଇଲେ ମୁହଁ ଶୁଖିଲା ହୋଇଯାଇ ଦୁର୍ଗନ୍ଧ ହୁଏ।

ସେଓ : କୁହନ୍ତି, ଦୈନିକ ଗୋଟିଏ ସେଓ ଖାଇଲେ ଶରୀର ସୁସ୍ଥ ରହିଥାଏ। ସେଓ ମୁହଁରେ ସୃଷ୍ଟି ହେଉଥିବା ଲାଳକୁ ବୃଦ୍ଧି କରିଥାଏ। ଏହା ଦ୍ୱାରା ଆମ ମୁହଁ ଏକପ୍ରକାର ସଫା ହୋଇଥାଏ ଏବଂ ଜୀବାଣୁ ନଷ୍ଟ ହୋଇଥାନ୍ତି। ଏହାପରେ ଦୁର୍ଗନ୍ଧ ଯୁକ୍ତ ଶ୍ୱାସ ବାହାରିନଥାଏ।

ଡାଲଚିନି ଚା' : ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ଡାଲଚିନି ଖୁବ୍ ସହଜରେ ମିଳିଯିବ। ଡାଲଚିନି ଯୁକ୍ତ ଚା' ପିଇବା ଫଳରେ ମୁହଁର ଦୁର୍ଗନ୍ଧ ଦୂର ହୋଇଥାଏ। ନିୟମିତ ଏହାକୁ ସେବନ କରିବା ଫଳରେ ସୁଫଳ ମିଳିଥାଏ।

# ଫ୍ୟାସନ୍: କର୍ମଜୀବୀ ମହିଳାଙ୍କ ପାଇଁ



**ଯଦି ଆପଣ କର୍ମଜୀବୀ ହୋଇଥାନ୍ତି, ତେବେ ନିଜର ଡ୍ରେସ୍‌କୋଡ୍ ଉପରେ ନଜର ଦିଅନ୍ତୁ। କିପିର ଡ୍ରେସ୍ ପିନ୍ଧିଲେ ଆପଣ ସୁନ୍ଦର ସହ ସ୍ମାର୍ଟ ଦେଖାଯିବେ। ଜାଣନ୍ତୁ ସେ ସମ୍ପର୍କରେ...**

■ ଆପଣ ଯଦି କୌଣସି କର୍ପୋରେଟ୍ ସେକ୍ଟରରେ କାମ କରୁଥାନ୍ତି, ଧଳା ଲାଇଲନ୍ ଶାର୍ଟ ପିନ୍ଧିପାରନ୍ତି। ଏହା ସହିତ ଆପଣ କଲରଫୁଲ ସ୍କାର୍ଫ କିମ୍ୱା ହାଲୁକା ରଙ୍ଗର ଜ୍ୟାକେଟ୍ ପିନ୍ଧିପାରିବେ।

■ ଆପଣ ଯଦି କୌଣସି ଅଫିସରେ କାମ କରୁଥାନ୍ତି ତେବେ ସିମ୍ପଲ ପ୍ୟାଣ୍ଟ ପସନ୍ଦ କରନ୍ତୁ। ଏଥିପାଇଁ ଆପଣ କଳା କିମ୍ୱା ଗ୍ରେ ରଙ୍ଗ ଚୟନ କରିପାରନ୍ତି। ତେବେ ଅଫିସିଆଲ ଗେଟ୍‌ଅପ୍ ଲାଗି ଫର୍ମାଲ୍ ଡ୍ରେସ୍ ଭଲ ଲାଗିଥାଏ।

■ କର୍ମଜୀବୀ ହୋଇଥିଲେ ବ୍ଲେଜର ଆପଣଙ୍କୁ ଠିକ୍ ଲାଗିବ। ଅଫିସ୍‌ରେ କୌଣସି ମିଟିଂ ଥିଲେ ବା କୌଣସି କ୍ଲାଏଣ୍ଟଙ୍କ ଦେଖା କରିବାକୁ ଚାହୁଁଥିଲେ ଏହି ଗେଟ୍‌ଅପ୍‌ରେ ଆପଣ ମାର୍ଜିତ ଦେଖାଯିବେ।

■ ଆପଣ ଏପରି କୁର୍ତ୍ତି ପିନ୍ଧନ୍ତୁ ଯାହା ଆରାମଦାୟକ ହୋଇଥିବ। ଏହା ଆପଣଙ୍କୁ କାମ କରିବା ସମୟରେ ହାଲୁକା ଲାଗିବ। ଆପଣ ଏଥିପାଇଁ ପର୍ପଲ ବା ବ୍ଲୁ ରଙ୍ଗ ପସନ୍ଦ କରିପାରିବେ। ୱାର୍ଲି ପ୍ରିଣ୍ଟର କୁର୍ତ୍ତି ସବୁଠାରୁ ଅଧିକ ଭଲ ଲାଗିବ।

# ଅଳସୀ

ଅଣ-ଜଳସେଚିତ ଜମିରେ ଅଳସୀ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ଓଡ଼ିଶାର ଜଳବାୟୁ ପାଇଁ ଦେଓମାଳି ଓ ଆଇଜିପି ୭୬ କିସମ ଉପଯୁକ୍ତ। ଏକର୍ ପ୍ରତି ଚାରି କିଗ୍ରା ବିହନ ଆବଶ୍ୟକ। ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ, ବିଶୋଧିତ କରି ବୁଣନ୍ତୁ। ,କ କିଗ୍ରା ବିହନକୁ ତିନି ଗ୍ରାମ ଥିରାମ କିମ୍ବା ଦୁଇ ଗ୍ରାମ କାର୍ବେଣ୍ଡାଜିମ୍ ମିଶାଇ ବିଶୋଧନ କରନ୍ତୁ। ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ। ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଆଠ କିଗ୍ରା ଲେଖାଏଁ ଯବକ୍ଷାରଜାନ, ଫସଫରସ ଓ ପଟାସ ମୂଳ ସାର ଭାବେ ଦିଅନ୍ତୁ। ଧାଡ଼ି ମଧ୍ୟରେ ତିରିଶ ସେମି ଏବଂ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ମଞ୍ଜି ତିନି ସେମି ଗଭୀରରେ ବୁଣନ୍ତୁ।

# ଉଚ୍ଚରକ୍ତଚାପର ଘରୋଇ ଉପଚାର

ଉଚ୍ଚ ରକ୍ତଚାପର ଏକ ଭୟଙ୍କର ରୋଗ। ରୋଗୀ ସେଥିପାଇଁ ଏହାକୁ ନେଇ ଚିନ୍ତିତ ରହିବା ସହ ଔଷଧ ଉପରେ ନିର୍ଭର କରିଥାଏ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଆମ ହାତ ପାହାନ୍ତାରେ ଏପରି ଅନେକ ଜିନିଷ ଅଛି ଯାହାକୁ ବ୍ୟବହାର କରି ଆମେ ରକ୍ତଚାପ ନିୟନ୍ତ୍ରଣରେ ରଖିପାରିବା। ରୋଗୀ ଡାକ୍ତରୀ ଔଷଧ ସହ ଏହି ଘରୋଇ ଉପଚାର ମାଧ୍ୟମରେ ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣରେ ରଖିପାରିବେ।

ସଜନାପତ୍ର: ସଜନା ପତ୍ରର ରସ ଉଚ୍ଚ ରକ୍ତଚାପର ରୋଗୀଙ୍କ ପାଇଁ ମହୋଷଧି ପରି ହୋଇଥାଏ। ପ୍ରତିଦିନ ସକାଳେ ଖାଲି ପେଟରେ ୨ ଚାମଚ କଞ୍ଚାପତ୍ରର ରସକୁ ସେବନ କଲେ ଲାଭଦାୟକ ହୋଇଥାଏ। ଯଦି କଞ୍ଚାପତ୍ର ନଖାଇ ପାରିବେ ତାହାହେଲେସଜନା ପତ୍ରକୁ ପାଣିରେ ଫୁଟାଇ ପିଅନ୍ତୁ।

ଲେମ୍ବୁ: ଖାଲି ପେଟରେ ପ୍ରତିଦିନ ସକାଳୁ ଏକ କପ ଉଷୁମ ପାଣିରେ ଫାଳେ ଲେମ୍ବୁ ରସ ପକାଇ ପିଅନ୍ତୁ। ଏଥିରେ ଲୁଣ କିମ୍ୱା ଚିନି ନମିଶିଲେ ଅଧିକ ଲାଭଦାୟକ।

ତରଭୁଜ ମଞ୍ଜି: ତରଭୁଜ ମଂଜି ଓ ପୋସ୍ତକୁ ସମାନ ପରିମାଣରେ ନେଇ ବାଟି ଦିଅନ୍ତୁ। ସକାଳ ଓ ସନ୍ଧ୍ୟାରେ ଖାଲି ପେଟରେ ଏହାକୁ ପ୍ରତିଦିନ ଦୁଇଥର ଏକ ଚା' ଚାମଚ ଲେଖାଏଁ ସେବନ କରନ୍ତୁ।

କଦଳୀ: କଦଳୀ ଏକମାତ୍ର ଫଳ ଯାହାକୁ ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ସେବନ କରିପାରିବେ। ଏହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିପାରିବ। କଦଳୀରେ ଭରପୂର ମାତ୍ରାରେ ପୋଟାସିୟମ ରହିଛି ଯାହା ସୋଡ଼ିୟମ ପ୍ରଭାବକୁ କମ କରିପାରେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୮ ଅଗଷ୍ଟ ୨୦୨୩, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲକ୍ଷ୍ୟ ନିର୍ବାଚନ...

ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଏମିତି କଥା କହିଛି ଯେଉଁଥିରେ ସେ ଉପସ୍ଥାପନ କରିଛନ୍ତି ଇତିହାସଠାରୁ ରାଜନୀତି, ଉପାଖ୍ୟାନ ଓ ପରିସଂଖ୍ୟାନ, ବାକ୍‌ପଟୁତା ଏବଂ ବିବାଦାସ୍ପଦତା ପର୍ଯ୍ୟନ୍ତ ବିଷୟବସ୍ତୁକୁ । ତାଙ୍କ ଭାଷଣର ବିଭିନ୍ନ ମୁହୂର୍ତ୍ତରେ ସେ କେତେବେଳେ ମନେ ହୋଇଛନ୍ତି ଜଣେ ଯାଦୁକର ଭଳି ତ ଆଉ କେତେବେଳେ ଜଣେ ପ୍ରୋତ୍ସାହନକାରୀ, ପୁଣି କେତେବେଳେ ଜଣେ ରାଜନେତା, ପ୍ରଚାରକ, ଶିକ୍ଷକ ଓ ଉତ୍ତମ ବନ୍ଧୁ ଭଳି । ନିଜର ଭାଷଣ ପାଇଁ ଏକ ଉପଯୁକ୍ତ ବାତାବରଣ ପ୍ରତିଷ୍ଠା କରିବାକୁ ଯାଇ ସେ ସମଗ୍ର ଭାରତବାସୀ କିପରି ଇତିହାସର ଏକ ଶିଖର ଦେଶରେ ଛିଡ଼ା ହୋଇଛନ୍ତି; ହଜାର ହଜାର ବର୍ଷର ବିଦେଶୀ ଦାସତ୍ୱର ଅତୀତ ଏବଂ ଆଗାମୀ ଦିନର ଏକ ମୁକ୍ତ, ସୁଦୃଢ଼ ଓ ବିକଶିତ ଗୌରବାବହ ସହସ୍ରାବ୍ଦୀ ପାଇଁ ଭବିଷ୍ୟତର ସ୍ୱପ୍ନ ନେଇ ଏକ ଦୋଛକିରେ ଉପନୀତ ହୋଇଛନ୍ତି, ତାହା ସେ କହିଥିଲେ । କିଏ ବା ଜାଣିଥିଲା ସେତେବେଳେ ଯେ ଭାରତର ଏକ ଛୋଟ ଦେଶୀୟ ରାଜ୍ୟ ଯେତେବେଳେ ଜଣେ ବିଦେଶୀ ଆକ୍ରମଣକାରୀଙ୍କ ଶିକାର ହେଲା, ତା'ପରେ ଏହି ବିଶାଳ ଭୂଖଣ୍ଡ ହଜାର ହଜାର ବର୍ଷର ଦାସତ୍ୱର ଶିକାର ହୋଇଯିବ- ସେ ପଚାରି ଥିଲେ ଦେଶବାସୀଙ୍କୁ । ତା'ପରେ ବିପରୀତ ଦିଗର ଛବିକୁ ଉପସ୍ଥାପନ କରିବାକୁ ଯାଇ ସେ କହିଥିଲେ ସ୍ୱାଧୀନତା ଲାଭର ୭୬ ବର୍ଷ ପରେ ଦେଶ ଦ୍ୱାରା ସମଗ୍ର ବିଶ୍ୱରେ ହାସଲ କରାଯାଇଥିବା ସ୍ଥିତି ସମ୍ପର୍କରେ- ଯାହା ମଧ୍ୟରେ ଥିଲା ବିଶ୍ୱର ପାଞ୍ଚଗୋଟି ବଡ଼ ଅର୍ଥନୀତିଙ୍କ ମଧରେ ଭାରତ ସ୍ଥାନ ପାଇବା । ସେ କହିଥିଲେ ଯେ ଏହି ସ୍ଥିତି ହାସଲ କରାଯାଇଛି ଜୀବନର ପ୍ରତିଟି କ୍ଷେତ୍ରରେ ବିଜୟ ହାସଲ କରି ଏବଂ ମାନବୀୟ ଉଦ୍ୟମର ପ୍ରତ୍ୟେକ ଦିଗରେ ପ୍ରଗତି ହାସଲ କରି । ତା'ପରେ ସେ ଧାନ କେନ୍ଦ୍ରିତ କରିଥିଲେ ନାରୀ ଶକ୍ତି ଉପରେ, ସମାଜର ଏକ ବର୍ଗ, ଯାହାଙ୍କୁ ସଶକ୍ତ କରିବା ଆମର ଏକ ସାଂସ୍କୃତିକ ଦାୟିତ୍ୱ ଥିଲା ବୋଲି ସେ କହିଥିଲେ । ଆଜିକା ଦିନରେ ଭାରତର ଝିଅମାନେ 'ଷ୍ଟେମ୍' (ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଏବଂ ଗଣିତ) କ୍ଷେତ୍ରରେ ପୁଅମାନଙ୍କ ସହିତ ସମାନ ସଂଖ୍ୟାରେ ସେମାନଙ୍କର କ୍ୟାରିଅର୍ ଗଢ଼ି ଚାଲିଛନ୍ତି ଏବଂ କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ମଧ ସେମାନେ ପୁଅମାନଙ୍କୁ ପଛରେ ପକାଇ ଦେଉଛନ୍ତି। ଭାରତର ବୃହତ୍ ଲକ୍ଷ୍ୟକୁ ହାସଲ କରିବା ପାଇଁ ନାରୀମାନଙ୍କ (ମା'ମାନଙ୍କ, ଭଉଣୀମାନଙ୍କ, ଝିଅମାନଙ୍କ) ଶକ୍ତିକୁ କାମରେ ଲଗାଇବା ଜରୁରୀ, କାରଣ ସେମାନଙ୍କ ନିକଟରେ ଅତ୍ୟନ୍ତ ବିସ୍ମୟକାରୀ ଜିନିଷମାନ ହାସଲ କରିବାର ଶକ୍ତି ରହିଛି । ଶ୍ରୀଯୁକ୍ତ ମୋଦୀ ମଧ ମୁଦ୍ରା ଯୋଜନାରେ ପାଣ୍ଠି ପ୍ରଦାନ କରାଯାଉଥିବା ବିପୁଳ ସଂଖ୍ୟକ ଷ୍ଟାର୍ଟ୍-ଅପ୍‌ଗୁଡ଼ିକ ବିଷୟରେ କହିଥିଲେ, ଯେଉଁଗୁଡ଼ିକ ବର୍ତ୍ତମାନ ଏକ ନୂତନ ଆର୍ଥିକ ଶକ୍ତିର ପରିଚାୟକ ହେଉଛନ୍ତି, ଯେଉଁଥିରେ ସରକାରଙ୍କ ଧନ ଉଦ୍ୟୋଗୀ ଯୁବକ ଏବଂ ମହିଳାମାନଙ୍କ ହାତରେ ପଡ଼ି କେବଳ ଆର୍ଥିକ ଆତ୍ମ-ନିର୍ଭରତା ଏବଂ ବ୍ୟକ୍ତିବିଶେଷ ଓ ପରିବାରମାନଙ୍କ ନିମନ୍ତେ ସଫଳତା ଆଣି ଦେଉନାହିଁ, ବରଂ ସଙ୍ଗେ ସଙ୍ଗେ ମିଲିଅନ୍ ସଂଖ୍ୟାରେ ଅନ୍ୟମାନଙ୍କ ନିମନ୍ତେ କର୍ମନିଯୁକ୍ତି ମଧ ସୃଷ୍ଟି କରୁଛି । ସେ କହିଥିଲେ ଯେ ୨୦୪୭ରେ ଯେତେବେଳେ ଆମେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବା, ସେତେବେଳେ ଆମେ ଏହାକୁ ପାଳନ କରିବା ଏକ ପୂର୍ଣ୍ଣ ରୂପରେ ବିକଶିତ ଭାରତବର୍ଷରେ, ଏକ ଦେଶରେ ଯାହା ଆମର ପୂର୍ବପୁରୁଷମାନେ, ସ୍ୱାଧୀନତା ସଂଗ୍ରାମୀମାନେ, ଏବଂ ଭାରତୀୟ ସମ୍ବିଧାନର ପ୍ରତିଷ୍ଠାତାମାନେ ଦେଖିଥିବା ସମସ୍ତ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରି ପାରିଥବ। ଏହି ସ୍ୱପ୍ନଗୁଡ଼ିକ ଆମ ନିକଟରେ ଏବେ ବି ଏକ ପ୍ରେରଣାର ଉତ୍ସ ଭାବରେ ରହି ଆମ ଭିତରେ ଭାବାବେଗ ଏବଂ କଳ୍ପନା ଶକ୍ତିର କମ୍ପନ ସୃଷ୍ଟିକାରୀ ଶକ୍ତି ଭାବରେ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ଶ୍ରୀଯୁକ୍ତ ମୋଦୀ ଗତି ଏବଂ ପରିମାଣ, ସ୍ୱପ୍ନମାନ ଦେଖିବା ଏବଂ ତାକୁ ହାସଲ କରିବା ନିମନ୍ତେ କଠିନ ପରିଶ୍ରମକୁ ନିବେଶ କରିବା ପାଇଁ ଅଦମ୍ୟ ସାହସ, ସ୍ୱଚ୍ଛତା, ସାଧୁତା ଏବଂ ଉତ୍ସର୍ଗୀକୃତ ମନୋଭାବ ଦୃଷ୍ଟିରୁ ବିଗତ ନଅ ବର୍ଷର ତାଙ୍କ ସରକାରର ଶାସନ କଥା କହିଥିଲେ ଏବଂ ସଙ୍ଗେ ସଙ୍ଗେ ସାବଧାନ ମଧ କରାଇ ଦେଇଥିଲେ ଯେ ଏବେ ସୁଦ୍ଧା ଦୁର୍ନୀତି, ପ୍ରିୟାପ୍ରୀତି ଏବଂ ଉପନିବେଶବାଦୀ ମନୋଭାବ କିଛି ଲୋକଙ୍କ ଭିତରେ ରହିଥିବାରୁ ସେମାନଙ୍କୁ ସୁଯୋଗ ପ୍ରଦାନ କରାଗଲେ ହାସଲ ହୋଇଥିବା ସବୁ ସଫଳତା ଧ୍ୱଂସ ହୋଇଯିବ। ପ୍ରତି ଭାରତୀୟ ତାଙ୍କର ଲକ୍ଷ୍ୟ ହାସଲ କରିବାକୁ ସୁନିଶ୍ଚିତ କରିବା ପାଇଁ ନିଜକୁ ଜଣେ ଉତ୍ସର୍ଗୀକୃତ ଜାତୀୟ ସେବକର ଆଖ୍ୟା ପ୍ରଦାନ କରି ଶ୍ରୀଯୁକ୍ତ ମୋଦୀ କହିଥିଲେ, 'ମୁଁ ମୋ ନିଜକୁ କ୍ଷମତାରେ ରଖିବା ପାଇଁ ଆପଣମାନଙ୍କର କାମ କରୁନାହିଁ, ବରଂ ମୁଁ ଆପଣମାନଙ୍କ ପରିବାରର ଜଣେ ସଦସ୍ୟ ଭାବରେ ଆପଣମାନଙ୍କ ଆଖିର ଲୁହକୁ ଦେଖି ପାରିବି ନାହିଁ ବୋଲି କାର୍ଯ୍ୟ କରୁଛି । ମୁଁ କଠିନ ପରିଶ୍ରମ କରୁଛି, କାରଣ ଆପଣମାନଙ୍କ ସ୍ୱପ୍ନ ଚୁରମାର୍ ହୋଇଯିବାର କଥା ଭାବିଲା ବେଳକୁ ମୋତେ କଷ୍ଟ ଲାଗୁଛି । ମୁଁ ସେ ପର୍ଯ୍ୟନ୍ତ କାର୍ଯ୍ୟ କରି ଚାଲିବି, ଯେ ପର୍ଯ୍ୟନ୍ତ ଆପଣମାନେ ପ୍ରତ୍ୟେକ ନିଜର ସ୍ୱପ୍ନ ହାସଲ କରି ପାରି ନାହାନ୍ତି।' ଆଉ ତାଙ୍କର ଅଧିକାଂଶ ଭାଷଣ ଭଳି ଶ୍ରୀଯୁକ୍ତ ମୋଦୀଙ୍କର ଏହି ଭାଷଣ ମଧ ବିପୁଳ ସଂଖ୍ୟକ ଭାରତୀୟଙ୍କ ମନରେ ଗୁଞ୍ଜରିତ ହେବା ଭଳି ଥିଲା । ତେବେ ଏହା ତାଙ୍କର ପ୍ରାକ୍ ନିର୍ବାଚନୀ ଅଭିଭାଷଣ ବୋଲି ମନେ କରିବା ଅଯୌକ୍ତିକ ନୁହେଁ।

# ରାଜ୍ୟ ରାଜନୀତି ଓ ସାମାଜିକ ନ୍ୟାୟ

## ଅଧ୍ୟାପକ ଗୋପବନ୍ଧୁ



ଓଡିଶା ରାଜନୀତିରେ ସାମାଜିକ ନ୍ୟାୟକୁ ଏକ ରାଜନୈତିକ ଇସ୍ୟୁଭାବେ ଅଦ୍ୟାବଧି ଗ୍ରହଣ କରାଯାଇ ନାହିଁ। ଭାରତବର୍ଷର ଅନେକ ରାଜ୍ୟରେ ଏହାକୁ ନେଇ ରାଜନୀତି ହୋଇଛି ଏବଂ ସଫଳତା ମଧ ମିଳିଛି। ରାଷ୍ଟ୍ରୀୟ ସ୍ତରରେ ମଣ୍ଡଳ କମିଶନ ସୁପାରୀଶର କାର୍ଯ୍ୟକାରିତା ପରେ ଏ ବିଷୟ ରାଜନୀତିର ପରିସରକୁ ଆସିଛି। ପୂର୍ବରୁ ବାମପନ୍ଥୀମାନେ ଓ ସମାଜବାଦୀମାନେ ଏ ବିଷୟକୁ ଶ୍ରମିକଶ୍ରେଣୀ ସହିତ ମିଶାଇ ଭିନ୍ନରୂପରେ ଉପସ୍ଥାପନ କରି ଆସିଥିଲେ। ଫଳରେ ଏହାର ସ୍ୱତନ୍ତ୍ର ସ୍ଥିତି ନଥିଲା। ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ପରେ ଏହା ଏକ ସ୍ୱତନ୍ତ୍ର ରାଜନୈତିକ ମୁଦ୍ଦାଭାବେ ଆତ୍ମପ୍ରକାଶ କରିଛି। ହେଲେ ଓଡିଶା ରାଜନୀତିରେ ଏବିଷୟ କାହିଁକି ଦାନାବାନ୍ଧି ପାରିନାହିଁ ତାହା ଏକ ଗଭୀର ଅନୁଧ୍ୟାନର ବିଷୟ। ଉତ୍ତର ଭାରତରେ ଏହା ଦାନା ବାନ୍ଧିଛି। ଦକ୍ଷିଣ ଭାରତରେ ଏହା ପୂର୍ବରୁ ଦାନା ବାନ୍ଧି ସାରିଛି। ହେଲେ ଓଡିଶା ପରି ଗରୀବ ଓ ସାମାଜିକ ଭାବେ ସର୍ବାଧିକ ଉପେକ୍ଷିତ ଲୋକ ବସବାସ କରୁଥିବା ରାଜ୍ୟରେ ଏହା ରାଜନୈତିକ ଭାବେ ଆଗେଇ ନପାରିବା ଆଶ୍ଚର୍ଯ୍ୟର ବିଷୟ।

ଓଡିଶାରେ ସାମାଜିକ ନ୍ୟାୟକୁ ଆଧାର କରି ରାଜନୈତିକ ବାତାବରଣ ତିଆରି ହୋଇ ନପାରିବା ପଛରେ ଦୁଇଟି କାରଣ ରହିଛି। ଗୋଟିଏ ହେଉଛି ଦୃଢ଼ ନେତୃତ୍ୱର ଅଭାବ ଓ ଅନ୍ୟଟି ହେଉଛି ରାଜନୈତିକ ସଚେତନତାର ଅଭାବ। ଦେଶରେ ବ୍ୟାପକ ପ୍ରତିକ୍ରିୟାଶୀଳ ନେତୃତ୍ୱର ତିଆରି ଜରୁରୀକାଳୀନ ପରିସ୍ଥିତିରୁ ପ୍ରାରମ୍ଭ ହୋଇଥିଲା। ଏହି ସମୟରେ ଯେଉଁ ନେତୃତ୍ୱ ମଣ୍ଡଳୀ ତିଆରି ହୋଇଥିଲା, ତାଙ୍କ ମଧ୍ୟରୁ କିଛି ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରିତାର ପକ୍ଷଧର ଥିଲେ। ଏହା କାର୍ଯ୍ୟକାରୀ କରାଯିବାର ଘୋଷଣା ପରେ ଏହାକୁ ପ୍ରତିରୋଧ କରିବା ପାଇଁ ଯେଉଁ କମଣ୍ଡଳ ରାଜନୀତି ଆସିଲା ଓ ତର୍କବିତର୍କର ପରିବେଶ ତିଆରି ହେଲା ତାହାରି ଭିତରୁ ସାମାଜିକ ନ୍ୟାୟ ପ୍ରସଙ୍ଗ ରାଜନୈତିକ ରୂପ ନେଲା ଏବଂ ଏହାର ପୃଷ୍ଠପୋଷକ ଭାବେ ରାଷ୍ଟ୍ରୀୟ ଓ ପ୍ରାନ୍ତୀୟ ନେତାଙ୍କ ମଧ୍ଯ ଆବିର୍ଭାବ ହେଲା। ଏମାନଙ୍କ ମଧ୍ୟରୁ କେତେକେ ନିଜନିଜ ରାଜ୍ୟରେ ପ୍ରମାଣକରି ଦେଖାଇ ଦେଇଛନ୍ତି ଯେ ସାମାଜିକ ନ୍ୟାୟ ଏକ ଦୃଢ଼ ରାଜନୈତିକ ପ୍ରସଙ୍ଗ ଓ ଏହାକୁ ନେଇ କ୍ଷମତା ଦଖଲ କରାଯାଇ ପାରିବ।

ଓଡିଶାରେ ପ୍ରତିକ୍ରିୟାଶୀଳ ରାଜନୀତିର ପ୍ରାରମ୍ଭ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜରୁରୀକାଳୀନ ପରିସ୍ଥିତିରେ ହୋଇ ଯାଇଥିଲା। କିନ୍ତୁ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ଏହା ମଣ୍ଡଳ ବିରୋଧି ସ୍ୱରୂପକୁ ବଦଳି ଯାଇଥିଲା। ସେ ସମୟରେ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଗରୀବର କୌଣସି ଜାତି ନାହିଁ କହି ଏହାକୁ ଟାଳି ଦେବାପାଇଁ ଚାହିଁଥିଲେ। କିନ୍ତୁ ସେ ସମୟର କେନ୍ଦ୍ରମନ୍ତ୍ରୀ ତାଙ୍କ ମାନସପୁତ୍ର କୁହାଯାଉଥିବା ଶ୍ରୀ ଶ୍ରୀକାନ୍ତ ଜେନା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତାକୁ ଦୃଢ଼ ସମର୍ଥନ କରିଥିଲେ। ଯାହା ଫଳରେ ଗୁରୁଶିଷ୍ୟଙ୍କ ମଧ୍ୟରେ ଏକ ମୁକାବିଲାର ବାତାବରଣ ତିଆରି ହୋଇଥିଲା। କିନ୍ତୁ ସେ ସମୟରେ ଶ୍ରୀ ଜେନା ଖୋଲାଖୋଲି ଭାବେ ସାମାଜିକ ନ୍ୟାୟ ପ୍ରସଙ୍ଗକୁ ଆଧାର କରି ରାଜ୍ୟରେ ଏକ ବିକଳ୍ପ ରାଜନୀତିର ସମ୍ଭାବନା ତିଆରି କରିବାକୁ ବୋଧହୁଏ ସାହସ କରିପାରିଲେ ନାହିଁ, ଯଦିଓ ରାଜ୍ୟରେ ମଣ୍ଡଳ ସପକ୍ଷରେ ଏକ ପ୍ରଭାବଶାଳୀ ସମର୍ଥକ ଗୋଷ୍ଠୀ ତିଆରି ହୋଇ ସାରିଥିଲା। ସେତେବେଳେ ସେଥିଲେ ଏକମାତ୍ର ବ୍ୟକ୍ତିତ୍ୱ ଯେକି ସାମାଜିକ ନ୍ୟାୟ ଆନ୍ଦୋଳନକୁ ନେତୃତ୍ୱ ଦେଇ ପାରିଥାନ୍ତେ। ନେତୃତ୍ୱର ଅଭାବରେ ଏ ଆନ୍ଦୋଳନ ରାଜନୈତିକ ରୂପ ନେଇପାରି ନାହିଁ ବୋଲି ଅନେକେ ବିଶ୍ୱାସ କରନ୍ତି ଓ ଏଥିପାଇଁ ଶ୍ରୀ ଜେନାଙ୍କୁ ଦାୟୀ କରନ୍ତି। ତେବେ ଏହା ସତ୍ୟ ଯେ ଏଦିଗରେ ନେତୃତ୍ୱର ଅଭାବ ରହିଲା। ଆଉ କେହିବି ଏହାର ନେତୃତ୍ୱ ନେଇପାରି ଥାଆନ୍ତେ। ସେପରି ନେତୃତ୍ୱ ଆଉ ଉଭା ହେଲେ ନାହିଁ।

ଦ୍ୱିତୀୟ କାରଣ ହେଉଛି ସଚେତନତାର ଅଭାବ। ଏବିଷୟକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଯେଉଁପ୍ରକାର ରାଜନୈତିକ ସଚେତନତା ରହିଛି, ନିଜ ଭାଗୀଦାରୀ ପ୍ରତି ସତର୍କତା ରହିଛି, ସେ ତୁଳନାରେ ଓଡ଼ିଶାରେ ଏହା ଥିବାପରି ମନେହୁଏ ନାହିଁ। ରାଜ୍ୟରେ ସଂଖ୍ୟାଧିକ ଅଧିବାସୀ ନିଜ ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ନୁହଁନ୍ତି। ସେଇଥିପାଇଁ ରାଜ୍ୟର ଶତକଡା ୪୦ ଭାଗ ଅନୁସୂଚୀତ ଜାତି ଓ ଜନଜାତିର ଲୋକଙ୍କୁ ତାଙ୍କ ସଂଖ୍ୟାନୁପାତିକ ଭାବେ ଶିକ୍ଷାରେ ସଂରକ୍ଷଣ ନମିଳି ୨୦% ମିଳୁଥିଲେବି ସେମାନେ ପ୍ରତିକ୍ରିୟା ପ୍ରକାଶ କରୁନାହାଁନ୍ତି। ସେହିପରି ରାଜ୍ୟର ଶତକଡା ୫୪ ଭାଗ ଓବିସିଙ୍କୁ ଶିକ୍ଷା ଓ ଚାକିରୀରେ ୨୭% ସଂରକ୍ଷଣ ମିଳିବା ପରିବର୍ତ୍ତେ କେବଳ ଚାକିରୀରେ ୧୧.୨୫% ମିଳୁଥିଲେ ହେଁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଯଦି ସଚେତନ ଥାଆନ୍ତେ ତେବେ ଓଡିଶାରେ କେବେଠାରୁ ଅଭୂତପୂର୍ବ ଆନ୍ଦୋଳନ ଠିଆହୋଇ ସାରନ୍ତାଣୀ। ତେଣୁ ଏହା ସ୍ପଷ୍ଟ ଯେ ରାଜ୍ୟରେ ସଚେତନତା ଅଭାବରୁ ସାମାଜିକ ନ୍ୟାୟ ରାଜନୈତିକ ପ୍ରସଙ୍ଗ ଭାବେ ଉଭା ହୋଇ ପାରିନାହିଁ। ଯେଉଁଠାରେ ନାଗରୀକମାନେ ସଚେତନ ସେଠାରେ ନେତୃତ୍ୱ ତିଆରିହେବା ସ୍ୱାଭାବିକ ଘଟଣା। କାରଣ ସଚେତନ ଲୋକ ଅଧିକାର ପାଇଁ ଆନ୍ଦୋଳନ କରନ୍ତି ଓ ଆନ୍ଦୋଳନରୁ ନେତୃତ୍ୱ ତିଆରି ହୁଏ।

ରାଜନୈତିକ ସଚେତନତା ବୃଦ୍ଧି ଏକ କ୍ରମିକ ପ୍ରକ୍ରିୟା। ସମୟ ଓ ରାଜନୈତିକ ଘଟଣା ଚକ୍ର ମଧ୍ୟରେ ଏହା ବିକଶିତ ହୁଏ। ଓଡିଶାରେ ଏହା ମନ୍ଥର ହେଲେବି ଚଳମାନ ଅବସ୍ଥାରେ ଏବେବି ଅଛି। ସାମାଜିକ ନ୍ୟାୟ ସଚେତନତା ବୃଦ୍ଧି ଦିଗରେ ବିଭିନ୍ନ ସଂଗଠନ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ ଏହାକୁ ରାଜନୈତିକ ଇସ୍ୟୁ ବନେଇବାକୁ ଆଗଭର ହେଲେଣୀ। ନୀକଟରେ ବିଜେପି ଓ ବିଜେଡିକୁ ଛାଡି ୧୦ ଟି ବିରୋଧୀ ଦଳର ପ୍ରତିନିଧିମାନେ 'ସାମାଜିକ ନ୍ୟାୟ ଅଭିଯାନ' ମଞ୍ଚର ଆନୁକୂଲ୍ୟରେ ଏବାବଦରେ ସଚେତନତା ସଭା କରିଛନ୍ତି ଏବଂ 'ଯାହାର ସଂଖ୍ୟା ଯେତେ ଭାଗ ପାଇବେ ସେମାନେ ସେତେ' ର ନାରା ଦେଇଛନ୍ତି। ଏମାନଙ୍କ ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବରିଷ୍ଠ ସଂଗଠକ ସମେତ ଯୁବ ଓ ଛାତ୍ର ନେତୃତ୍ୱଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଉତ୍ସାହପ୍ରଦ କରିଛି। ଏଥିରେ ସେଦିନର ମଣ୍ଡଳ ନେତା ଶ୍ରୀ ଶ୍ରୀକାନ୍ତ ଜେନା ମଧ ଉପସ୍ଥିତ ଥିବାର ଲକ୍ଷ୍ୟ କରାଯାଇଛି।

ସମସ୍ତେ ଦୁଇଟି ବିନ୍ଦୁ ଉପରେ ଆନ୍ଦୋଳନ କରିବାକୁ ସହମତି ପ୍ରକାଶ କରିଛନ୍ତି। ଗୋଟିଏ ହେଉଛି ରାଜ୍ୟରେ ଓବିସିଙ୍କୁ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ପ୍ରଦାନ କରାଯାଉ। ଅନ୍ୟଟି ହେଉଛି ଏସଟି ଓ ଏସସିଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ଶିକ୍ଷା କ୍ଷେତ୍ରରେ ୪୦% ସଂରକ୍ଷଣ ପ୍ରଦାନ କରାଯାଉ। ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସମସ୍ତ ଅଣବିଜେଡି ଓ ଅଣବିଜେପି ବିରୋଧୀ ଦଳ ମିଳିତଭାବେ ପଦକ୍ଷେପ ନେବାର ସମ୍ଭାବନା ତିଆରି ହୋଇଛି। ସମସ୍ତ ସମଭାବାପନ୍ନ ସଂଗଠନକୁ ସାମିଲ କାରିବାର ଏବଂ ଛାତ୍ର ଓ ଯୁବ ସମାଜକୁ ଅଧିକ ମାତ୍ରାରେ ସାମିଲ କରିବାର ଯୋଜନା କରାଯାଇ ଥିବାର ସୂଚନା ମିଳୁଛି। ଆନ୍ଦୋଳନକୁ ଓଡିଶାର ପ୍ରତ୍ୟେକ ଅଞ୍ଚଳକୁ ପହଞ୍ଚାଇବାର ଦୃଢ଼ ଘୋଷଣା ନେତାମାନେ କରିଛନ୍ତି। ଆଗକୁ ଦେଖାଯିବ ଆନ୍ଦୋଳନ କେତେ ଦୃଢତାର ସହିତ ବଢୁଛି ଅଥବା ପୂର୍ବସ୍ଥିତି ବଳବୋତ୍ତର ରହୁଛି।

ଓଡ଼ିଶାରେ ସାମାଜିକ ନ୍ୟାୟ ଆନ୍ଦୋଳନର ଆବଶ୍ୟକତା ଯଥେଷ୍ଟ ରହିଛି। ଏହି ଅଭାବକୁ ଏ ମଞ୍ଚ କେତେ ପୂରଣ କରିପାରିବ ତାହା ଭବିଷ୍ୟତ ବତାଇବ। ଯେଉଁ ଦୁଇଟି ବିନ୍ଦୁକୁ ନେଇ ଆନ୍ଦୋଳନ କରିବାର ଘୋଷଣା ଆୟୋଜକମାନେ କରିଛନ୍ତି, ତାହାର ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସପକ୍ଷରେ ଆନୁକୂଳ ବାତାବରଣ ତିଆରି ହେଉଥିବା ପରି ମନେହେଉଛି। ଏ ଆନ୍ଦୋଳନ ଆଗାମୀ ଦିନରେ କେଉଁପ୍ରକାର ରାଜନୈତିକ ପ୍ରଭାବ ପକାଇବ ତାହା ଜାଣିବା ମଧ୍ଯ ସମୟ ସାପେକ୍ଷ। ହୁଏତ ଚଳିତବର୍ଷ ଓଡିଶା ରାଜନୀତିରେ ଏହା ଏକ ବହୁ ଚର୍ଚ୍ଚିତ ବିଷୟ ହୋଇପାରେ। ଏହାସହିତ ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନେଇ ୨୦୨୪ ସାଧାରଣ ନିର୍ବାଚନରେ କିଛି ଚମତ୍କାରିତା ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।


ବାରିପଦା, ମୟୂରଭଞ୍ଜ

ମୋ: ୭୦୦୮୯୭୬୧୮୦


# ଆଧ୍ୟାତ୍ମିକ ଦୈନନ୍ଦିନୀରେ ଗାୟତ୍ରୀ ମନ୍ତ୍ର

## ନିରୂପମା ଭୂୟାଁ



'ଓଁ ଭୁ ଭୁର୍ବଃ ସ୍ୱଃ
ତତ୍ସବିତୁର୍ବରେଣ୍ୟଂ
ଭର୍ଗୋଦେବସ୍ୟ.........'

ପ୍ରତି ବର୍ଷ ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରେ ବେଦମାତା ଗାୟତ୍ରୀଙ୍କ ଜୟନ୍ତୀ ପାଳନ କରାଯାଏ। ହିନ୍ଦୁ ଶାସ୍ତ୍ର ପୁରାଣ ଅନୁଯାୟୀ ଏହି ଦିନରେ ବିଶ୍ୱାମିତ୍ର ମୁନି, ପ୍ରଥମ ଥର ପାଇଁ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରିଥିଲେ। ଗାୟତ୍ରୀ ମାତା ହେଉଛନ୍ତି ଆଦିଶକ୍ତି। ସେ ବେଦମାନଙ୍କର ଜନନୀ। ସେ ଜ୍ଞାନଦାତ୍ରୀ ଅଜ୍ଞତା ଦୂରକାରିଣୀ ସେ ବେଦମାତା, ଦେବମାତା ଓ ବିଶ୍ୱମାତା। ତାଙ୍କ ଜୟନ୍ତୀରେ ଗାୟତ୍ରୀ ମନ୍ତ୍ରୀ ଗାନ କରାଯାଏ। ଏହି ମନ୍ତ୍ର ଗାନ ଦ୍ୱାରା ମୋକ୍ଷପ୍ରାପ୍ତି ସମ୍ଭବ। ଏକ ମାସ ପର୍ଯ୍ୟନ୍ତ ଦୈନିକ ତିନି ହଜାର ଥର ଏହି ମନ୍ତ୍ର ଉଚ୍ଚାରଣ କଲେ ସକଳ ପାପ ଦୂରହୁଏ। ଆର୍ଯ୍ୟ ସମାଜରେ ପ୍ରତିମା ପୂଜନ ପ୍ରଚଳନ ନ ଥିଲେ ମଧ ଗାୟତ୍ରୀ ମନ୍ତ୍ରକୁ ପ୍ରାଧାନ୍ୟ ଦିଆଯାଏ।

ଶାସ୍ତ୍ରରେ ଉଲ୍ଲେଖ ଅଛି ଗାୟତ୍ରୀ କୌଣସି ଦେବୀ ନୁହଁନ୍ତି । ଗାୟତ୍ରୀ ଛନ୍ଦସାଂ ମାତା । ଗାୟନ୍ତଂ ତ୍ରାୟତେ ଇତି ଗାୟତ୍ରୀ । ଯେଉଁଠି ମନ୍ତ୍ର ଜପ କରାଯାଏ ସେଠାରେ ଗାୟତ୍ରୀ ଥାଆନ୍ତି।' 'ଗାୟତ୍ରୀଙ୍କ ତିନୋଟି ନାମ ହେଉଛି ଗାୟତ୍ରୀ, ସାବିତ୍ରୀ ଓ ସରସ୍ୱତୀ । ଗାୟତ୍ରୀ ହେଉଛନ୍ତି ଇନ୍ଦ୍ରିୟ ମାନଙ୍କର ପ୍ରତୀକ । ସାବିତ୍ରୀ ହେଉଛନ୍ତି ପ୍ରାଣର ପ୍ରଭୁ, ସରସ୍ୱତୀ ହେଉଛନ୍ତି ବାଗ୍‌ଦେବୀ । ତିନୋଟି ଯାକ ଚିନ୍ତା, କର୍ମ ଓ ବଚନ ଶୁଦ୍ଧିର ପ୍ରତୀକ । ଗାୟତ୍ରୀଙ୍କ ତିନୋଟି ନାମ ଥିଲେ ବି ତିନୋଟି ଯାକ ଆମ ଭିତରେ ଇନ୍ଦ୍ରିୟ, ବାକ୍ ଓ ପ୍ରାଣଶକ୍ତି ଭିତରେ ରହିଛନ୍ତି । ସେହିପରି ଗାୟତ୍ରୀଙ୍କ ପାଞ୍ଚଟି ମୁଖ ବିଷୟରେ ଭଗବାନ କହିଛନ୍ତି 'ପଞ୍ଚମୁଖ ମଧ୍ୟରେ 'ଓଁ' ହେଲା ପ୍ରଥମ ମୁଖ । ପ୍ରଣବ ତତ୍ତ୍ୱ ଅଷ୍ଟ ଐଶ୍ୱର୍ଯ୍ୟର ପ୍ରତୀକ । ଦ୍ୱିତୀୟ ମୁଖ ହେଲା ଭୁର୍ଭୁବଃ ସ୍ୱଃ । ତୃତୀୟଟି ହେଲା ତତ୍ ସବିତୁର୍ବରେଣ୍ୟମ୍ । ଚତୁର୍ଥ ହେଲା ଭର୍ଗୋଦେବସ୍ୟ ଧୀମହି । ଧୀୟୋ ୟୋ ନଃ ପ୍ରଚୋଦୟାତ୍ ହେଲା ପଞ୍ଚମ ମୁଖ । ଏହପରି ଭାବରେ ଗାୟତ୍ରୀ ମନ୍ତ୍ରକୁ ବୁଝିଲେ ଗାୟତ୍ରୀର ପାଞ୍ଚୋଟିଯାକ ମୁଖ ଆମ ଭିତରେ ଅଛି ବୋଲି ଉପଲବ୍ଧି କରିହେବ । ଭଗବତ୍ ଉପାସନା ପାଇଁ ଆବଶ୍ୟକୀୟ ତିନୋଟି ଯାକ ତତ୍ତ୍ୱ ଗାୟତ୍ରୀ ମନ୍ତ୍ରରେ ଅଛି - ବର୍ଣ୍ଣନା, ଧ୍ୟାନ ଓ ପ୍ରାର୍ଥନା । ମନ୍ତ୍ରର ପ୍ରଥମ ନଅଟି ଶବ୍ଦ ଦିବ୍ୟଗୁଣର ପ୍ରତୀକ 'ଓଁ ଭୁ ଭୁର୍ବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ' । 'ଧୀର୍ମହ' ଧ୍ୟାନ ସହିତ ସମ୍ବନ୍ଧିତ । 'ଧୀୟୋ ୟୋନଃ ପ୍ରଚୋଦୟାତ୍' ଭଗବାନଙ୍କ ପ୍ରାର୍ଥନା ଅଟେ । ଏହିପରି ଭାବରେ ମନ୍ତ୍ରଟି ସମସ୍ତ ଶକ୍ତି ଓ ପ୍ରତିଭା ପ୍ରଦାନ କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା ଅଟେ। 'ସର୍ବରୋଗ ନିବାରିଣୀ ଗାୟତ୍ରୀ'। 'ସର୍ବଦୁଃଖ ପରିହାରିଣୀ ଗାୟତ୍ରୀ। ସର୍ବବାଞ୍ଛା ଫଳଶ୍ରୀ ଗାୟତ୍ରୀ । ଗାୟତ୍ରୀ ସବୁ ପ୍ରକାର ଲାଭ ପ୍ରଦାନକାରୀ ଅଟେ। ମନ୍ତ୍ର ଜପ କଲେ ବିଭିନ୍ନ ପ୍ରକାର ଶକ୍ତି ଜାତ ହୁଏ । ତେଣୁ ଗାୟତ୍ରୀ ମନ୍ତ୍ରକୁ ଖାମଖିଆଲି ଭାବରେ ନେବା ଉଚିତ ନୁହେଁ । ଆମର ଶ୍ୱାସ ପ୍ରକ୍ରିୟାରେ ଗାୟତ୍ରୀ ଧ୍ୱନୀ ରହିଛି । ଶବ୍ଦ ହିଁ ଆମର ପ୍ରକୃତ ରୂପର ସ୍ମାରକ । ଶ୍ୱାସକ୍ରିୟାରେ ପ୍ରଶ୍ୱାସ ଓ ନିଃଶ୍ୱାସ ରହିଛି । ଯୋଗଶାସ୍ତ୍ରରେ ପ୍ରଶ୍ୱାସକୁ ପୂରକ ଓ ନିଃଶ୍ୱାସକୁ ରେଚକ ବୋଲି କୁହାଯାଏ। ଶ୍ୱାସ ଧାରଣ କରିବାକୁ କୁମ୍ଭକ କୁହାଯାଏ । ଶ୍ୱାସ ନେବା ବେଳେ 'ସୋଽହ' ଧ୍ୱନି ଜାତ ହୁଏ । ଶ୍ୱାସ ଛାଡ଼ିବା ବେଳେ 'ହମ୍' ଧ୍ୱନି ଜାତ ହୁଏ । 'ସୋଽହମ୍', 'ସୋଽହମ୍', 'ସୋ' ହେଉଛି ତାହା । 'ହମ୍' ହେଉଛି ମୁଁ । 'ମୁଁ ସେ', 'ମୁଁ ଦିବ୍ୟ ' । ପ୍ରତ୍ୟେକ ଶ୍ୱାସ ଏହି କଥା କହେ । ବେଦରେ ମଧ ସେହି କଥା କୁହାଯାଇଛି - 'ତତ୍ ତ୍ୱଂ ଅସି,' 'ଅହଂ ବ୍ରହ୍ମସ୍ମି', 'ଅୟଂ ଆତ୍ମା ବ୍ରହ୍ମ' । ଶାସ୍ତ୍ର କହେ - 'ସତ୍ୟଂ ଜ୍ଞାନଂ ଅନନ୍ତଂ ବ୍ରହ୍ମ', ସତ୍ୟ ହିଁ ବ୍ରହ୍ମ । ଜ୍ଞାନ ହିଁ ବ୍ରହ୍ମ । ସେହି ସତ୍ୟ ହେଉଛି ଗାୟତ୍ରୀ । ଗାୟତ୍ରୀ ମନ୍ତ୍ରର ଅଭ୍ୟାସ ଦ୍ୱାରା ଆମ୍ଭେମାନେ ଆମ ମାନଙ୍କର ନୀତିଦିନିଆ ଜୀବନରେ ଆଧ୍ୟାତ୍ମିକ ଶକ୍ତି ଜାଗରଣ କରିପାରିବା । ପ୍ରତ୍ୟେକ ମନୁଷ୍ୟ ଦିବ୍ୟତ୍ୱର ଏକ ସ୍ଫୁଲିଙ୍ଗ ବୋଲି ଗୀତାରେ କୁହାଯାଇଛି । 'ମନୁଷ୍ୟ ମୂଳତଃ ଦିବ୍ୟ ଅଟେ କିନ୍ତୁ ସେ ତା'ର ଦିବ୍ୟ ଉତ୍ସକୁ ଭୁଲିଯାଉଛି । ଗାୟତ୍ରୀ ମନ୍ତ୍ର ଜପକାରୀକୁ ରକ୍ଷା କରିବାକୁ ପର୍ଯ୍ୟାପ୍ତ କାରଣ ଗାୟତ୍ରୀ ମନ୍ତ୍ରରେ ସମସ୍ତ ଦିବ୍ୟଶକ୍ତି ରହିଛି । ଏହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ। କାରଣ ଏହା ସେମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଓ ମଙ୍ଗଳମୟ ଭବିଷ୍ୟତ ସୁନିଶ୍ଚିତ କରିଥାଏ । ସେହିପରି ଉପନୟନ ସମୟରେ ଗାୟତ୍ରୀ ମନ୍ତ୍ର ଶିକ୍ଷା ଦିଆଯାଇଥାଏ । ଗୋଟିଏ ଗଣ୍ଠିରେ ବନ୍ଧା ହୋଇଥିବା ତିନି ଶରୀର ପବିତ୍ର ପଇତା ହେଉଛି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ଯାହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପ୍ରତୀକ ।' ଉପନୟନ ଅର୍ଥ ଭଗବାନଙ୍କ ପାଖରେ ବା ସମୀପରେ ରହିବା । ଜୀବନର ପ୍ରତିଟି ମୁହୂର୍ତ୍ତରେ ଯଥାସମ୍ଭବ ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ଆମ୍ଭେମାନେ ଅଧିକରୁ ଅଧିକ ଥର ଆଧ୍ୟାତ୍ମିକ ଭାବରେ ଶକ୍ତିଶାଳୀ ହେବା । ଭଗବାନଙ୍କ ପ୍ରତି ହୃଦୟଭରା ଭକ୍ତି ବିକଶିତ କରିବାରେ ଗାୟତ୍ରୀ ମନ୍ତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଦେବଲୋକର କଳ୍ପବୃକ୍ଷ ସର୍ବ ଆଶା ପୂରଣକାରୀ। ଗାୟତ୍ରୀ ମନ୍ତ୍ରକୁ ପୃଥିବୀର କଳ୍ପବୃକ୍ଷ କୁହାଯାଏ। ଏହା ଚବିଶ ଅକ୍ଷର, ତିନି ପାଦ ଓ ନଅ ଶବ୍ଦ ବିଶିଷ୍ଟ। ଏହି ଅକ୍ଷର ଓ ଶବ୍ଦଗୁଡ଼ିକ ମଧ୍ୟରେ ଅନେକ ତତ୍ତ୍ୱ ଓ ରହସ୍ୟ ଲୁଚିରହିଛି। ଏହା ଶ୍ରେଷ୍ଠ ମନ୍ତ୍ର। ଏହା କ୍ଷୁଦ୍ର ହୋଇଥିଲେ ହେଁ ସାଧକଙ୍କୁ ସିଦ୍ଧି ପ୍ରଦାନ କରେ। ଭାରତୀୟ ମୁନି-ଋଷି, ସାଧୁ-ସନ୍ଥମାନେ ଏହି ମନ୍ତ୍ରର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ମନ୍ତ୍ରର ଉପାଦେୟତାକୁ ନେଇ କୌଣସି ମତଭେଦ ନାହିଁ। ଦୈନିକ ପାଠ କରନ୍ତୁ - ଓଁ ଭୂ ର୍ଭୁବଃ ସ୍ୱଃ ତତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ଧିୟୋ ଯୋ ନଃ ପ୍ରଚୋଦୟାତ୍। ଏହାର ଅର୍ଥ ସେହି ପ୍ରାଣ ସ୍ୱରୂପ, ଦୁଃଖନାଶକ, ସୁଖସ୍ୱରୂପ, ଶ୍ରେଷ୍ଠ, ତେଜସ୍ୱୀ, ପାପନାଶକ ଦେବସ୍ୱରୂପ ପରମାତ୍ମାଙ୍କୁ ଆମେ ଅନ୍ତରାତ୍ମାରେ ଧାରଣ କରିବା। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମାର୍ଗ ନିର୍ଦ୍ଦେଶିତ ଜଣେ ଆଧ୍ୟାତ୍ମିକ ଗୁରୁ ଭାବେ ମୁଁ ପ୍ରତିଟି ମୁହୂର୍ତ୍ତରେ ପବିତ୍ର ଗାୟତ୍ରୀ ଚେତନାର ଅନ୍ତଃସ୍ୱର ଆମ ସମସ୍ତଙ୍କ ପାଇଁ ଅନୁପ୍ରଣୀତ ହେଉ ବୋଲି ଇଚ୍ଛା ପ୍ରକଟ କରିଥାଏ। ସେହି ପରମାତ୍ମା ଆମକୁ ସଦ୍‌ବୁଦ୍ଧି ପ୍ରଦାନ କରିବେ।ଆଜି ପବିତ୍ର ଗାୟତ୍ରୀ ଜୟନ୍ତୀ।


ଜିଲ୍ଲା ସଂଯୋଜିକା (ଶିକ୍ଷା)

ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ,

କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ

ବାଲିଚନ୍ଦ୍ରପୁର, ଯାଜପୁର,

ମୋ: ୯୯୩୭୪୭୦୯୮୦





## ଜନ୍ମ ଦିନର ଶୁଭେଚ୍ଛା

### ଧ୍ରୁବ ଚରଣ ବେହେରା

ହସ ଖୁସି ଭରି ହସୁ ଜନ୍ମ ଦିନ
ସୁଖ ସମୃଦ୍ଧିକୁ ନେଇ
ଗରୁଜନଙ୍କର ଅପରା କରୁଣା
ସବୁ ବେଳେ ଥାଉ ରହି ।

ଚଲା ପଥପରେ ବରଷୁ କୁସୁମ
ଶାନ୍ତି ସୌଉଗନ୍ଧେ ମାତି
ପ୍ରତି ପାଦେ ଝରୁ କୋମଳତା ବାରି
ସବୁ ଦିନ ହେଉ ସ୍ମୃତି ।

ଆର୍ଯ୍ୟ ନାରୀ ତୁମେ ସାଧବ
ବୋହୁଟେ
ସତେ ଅବା ସ୍ୱପ୍ନ ପରୀ
ସ୍ନେହ ଆଦରରେ କିଣୁ ଥାଆ ମନ
ତୁମରି ମୁଖ ସାୟରୀ ।

ତୁମ ଶାନ୍ତ ଶିଷ୍ଟ ଆଦର ଲାଗଇ
ଅମୃତର ସ୍ମୃତି ଝର
କୋଟିରେ ଗୋଟିଏ ଲାଗ ଚାନ୍ଦ ମୁହିଁ
ସୁନା ନାନୀ ଟିଏ ମୋର ।

ଦୟା କ୍ଷମା ତୁମ ହୃଦୟ ଗହଣା
ସଦା ହୃଦୟରେ ଥାଉ
ଗୋଲାପ ପରିକା ତୁମ କୋମଳତା
ଘରେ ମହକିତ ହେଉ ।

ରୂପରେ ଗୁଣରେ ରାଜ କୁମାରୀ ଟେ
ଉପମାର ଶୋଭା ଶିରୀ
ଜନ୍ମ ଦିନ ତୁମ ହେଉ ସୁ ଶୋଭିତ
ଶୁଭେଚ୍ଛାରେ ଯାଉ ଭରି ।

ସାଙ୍ଗ ସାଥୀଙ୍କର ମେଳେ ହସୁଥାଉ
ରଜନୀ ଗନ୍ଧାଟେ ହୋଇ
ମହକିତ ତୁମ ସରଳତା ବାଣୀ
ସାଥେ ସାଥେ ଥାଉ ରହି ।

ଦୁଇ କୂଳ ଲାଗି ମୋତି ଜ୍ୟୋତି
ହିତା
ଜାୟା ବି ଲାଗ ଜନନୀ
ସେନେହ ଡୋରି ବାନ୍ଧି ଦେଲ
ମୋତେ
ସାଜିଲ ମୋର ଭଉଣୀ ।

ପ୍ରଭୁ ଜଗନ୍ନାଥ କରୁନ୍ତୁ କରୁଣା
ଜନ୍ମ ଦିନ ହେଉ ସାର
ଧନ ଜନ ଲକ୍ଷ୍ମୀ ଐଶ୍ୱର୍ଯ୍ୟରେ ଭରୁ
ତୁମରି ଅଗଣା ପୂର ।

ଏହି ଶୁଭେଚ୍ଛା ମୋ ଘେନିବ
ସାଦରେ
ବନ୍ଧୁ ଅବା ଭାଇ ଭାବି
ଲେଖି ଦେଲି କିଛି ଭାବନାରୁ ମୋର
ନୁହେଁ ମୁହିଁ କେବେ କବି ।

କିଛି ନାହିଁ ପାଶେ ଅଭିନନ୍ଦନ ମୋ
ସାଦରେ ଆଦରି ନେବ
କି ଲେଖିବି ମୁହିଁ ଜାଣି ନାହିଁ କିଛି
ଭୁଲ୍ ଥିଲେ କ୍ଷମା ଦେବ ।


+ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## ନାବିକ

### ନଳିନୀ କାନ୍ତ ପାଢ଼ୀ



ଅଥଳ ସାଗର ଭିତରେ,
କଳା ଘୁମୁରପାଣିରେ
ଲେଖୁ ଜୀବନ ସଂଘର୍ଷର କାହାଣୀ ।

ବେଳେବେଳେ ପବନକୁ
ସାଉଁଲେଇ ତା ଦିଗକୁ
ପରିବର୍ତ୍ତନ କରୁ
ଆଉ ଜୀବନର ଗତିଧାରାରେ
ସିଆରକାଟି
ଆଗକୁ ଯିବାର
ସାହସ ସଂଚୟ କରୁ ।

ଯେତେବେଳେ ପାଣି ଖେଳେ
ଚକାଚକା ଭଉଁରୀ
ଯେତେବେଳେ ପବନ ମାନେନି
ତ ଆକୁଳ ଆବେଦନ, ନିବେଦନ
ଯେତେବେଳେ ତୁ ଟଳମଳ ହେଉ
ଆଶ୍ରା କରୁ ଭଗବାନଙ୍କୁ,
ଆଦରି ନେଉ ଭାଗ୍ୟକୁ
ତୁ କଣ ନିଜକୁ
ବୁଝେଇ ପାରୁ

ସେତେବେଳେ
ଭୟଙ୍କର ସ୍ଥିତିରେ ?
ଜୀବନ, କଣ କି ?

ହେଇ ଅଛି, ନାହିଁର ଖେଳ,
ଟଳମଳ ତ ପରି ନିରନ୍ତର,
ନିରନ୍ତର ।

କେତେବେଳେ ଓଲଟି ପଡିବ
କିଏ ଜାଣେ,
ଏ ସବୁ ଖେଳ କାହାର, କିଏ
ଜାଣେ


+ଗୋଶାଣୀବିନ୍ଧା, ଜଗାଇ,
ପ୍ରତାପପୁର,
ବାଲେଶ୍ୱର- ୭୫୬୦୮୩
ମୋ:୯୭୭୭୫୧୪୫୭୬


## ଧ୍ୱନି ପ୍ରତିଧ୍ୱନି

### ରମେଶ ଚନ୍ଦ୍ର ନାୟକ

କଳା ସାହିତ୍ୟର ଜିଲ୍ଲା ବାଲେଶ୍ୱର
ଅଟେ ଯେ ଏନ୍ତୁଡ଼ିଶାଳ,
ଅତୀତରୁ ଏବେ କବି ସାମ୍ବାଦିକ
ସାହିତ୍ୟିକ ମାଳ ମାଳ ।

ଧ୍ୱନି ପ୍ରତିଧ୍ୱନି କୁହେ ତା କାହାଣୀ
ଦୈନିକ ଖବର ଛାପେ,
ସବୁବେଳେ ନିଜ ଉତ୍ତର ଦାୟିତ୍ୱ
ଲିଭାଏ ସୂଚାରୁ ରୂପେ ।

ଓଡ଼ିଆ ଭାଷାରେ ମୁଦ୍ରଣ ସେ କରେ
ସତେଜ ସତ୍ୟ ଖବର,
ପାଠକ ପାଠିକା ହୃଦୟକୁ ଜିଣେ
ଦେଶ ଆଉ ବିଦେଶର ।

କେବେହେଲେ ନିଜ ବିଚାର
ଧାରାରେ
ସାଲିସ୍ କରେନି ସିଏ,
ଶାସକ ଦଳ ବା' ବିରୋଧୀ ଦଳକୁ
ସମାନ ଗୁରୁତ୍ୱ ଦିଏ ।

ଦବି ଯାଏ ନାହିଁ କାହାରି ଚାପରେ
ଯେତେ ଯିଏ ଯାହା କହେ,
ଜନତାଙ୍କ ସ୍ୱର ରୂପେ ପରିଚିତ
ଦଳ ବା' ଗୋଷ୍ଠୀର ନୁହେଁ ।

ଦୀର୍ଘ ତେର ବର୍ଷ ସେବାରେ ହରଷ
ଓଡ଼ିଆ ଜାତିର ଟେକ,
ସହାୟତା କରେ ବନ୍ୟା ବାତ୍ୟା
ଆଦି
ପ୍ରାକୃତିକ ଦୁର୍ବିପାକ ।

ଦୁଃଖୀ ଦରିଦ୍ରଙ୍କ ଅଟେ ସେ ସେବକ
ଛାତ୍ରଛାତ୍ରୀ ଶିକ୍ଷାଦାନ,
ସାହିତ୍ୟ ସଂସ୍କୃତି ପରମ୍ପରା କ୍ଷେତ୍ରେ
କେତେ ତା'ର ଅବଦାନ ।

ବିବେଚନା କରି ହୁଏନି ତାହାକୁ
କେବଳ ସମ୍ବାଦ ପତ୍ର,
ଧ୍ୱନି ପ୍ରତିଧ୍ୱନି ଏକ ଅନୁଷ୍ଠାନ
ସେତ ସୈରିନ୍ଧ୍ରୀର ନେତ୍ର ।

ସ୍ୱାର୍ଥ ହୀନ ସେବା ଭୁଲି କି ପାରିବା
ବଞ୍ଚିଥିବା ଯେତେ ଦିନ,
ଦୀର୍ଘାୟୁ ଜୀବନ କରୁଛୁ କାମନା
ଭୂମିଷ୍ଠ ପ୍ରଣାମ ଘେନ ।


+କେଶରପୁର, ବକ୍ସି ବଜାର,
କଟକ
ମୋ :- ୭୯୭୮୧୫୧୭୧୦






# ଜ୍ୟାକଲିନଙ୍କୁ ବଡ଼ ଆଶ୍ୱସ୍ତି, ବିଦେଶ ଯାତ୍ରା ଉପରୁ ହଟିଲା କଟକଣା



ବଲିଉଲ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜଙ୍କୁ କୋର୍ଟରୁ ମିଳିଲା ବଡ଼ ଆଶ୍ୱସ୍ତି । ଏଣିକି କୋର୍ଟଙ୍କ ପୂର୍ବ ଅନୁମତି ନ ନେଇ ବିଦେଶ ଯାତ୍ରା କରିପାରିବେ । କିନ୍ତୁ ସର୍ତ୍ତ ରଖି କୋର୍ଟ ତାଙ୍କୁ ଏହି ଅନୁମତି ଦେଇଛନ୍ତି । ଭାରତ ଛାଡ଼ିବାର ତିନି ଦିନ ପୂର୍ବରୁ ସେ କୋର୍ଟ କିମ୍ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ଏନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ସୁକେଶ ଚନ୍ଦ୍ରଶେଖର ସହ ଜଡ଼ିତ ୨୨୦୦ କୋଟି ଅର୍ଥ ହେରଫେର୍ ମାମଲାର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି ।

୨୦୦ କୋଟି ଅର୍ଥ ହେରଫେର୍ ମାମଲାରେ ଜ୍ୟାକଲିନଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା । ଗତବର୍ଷ ନଭେମ୍ବରରେ ସର୍ତ୍ତ ରଖି ଜାମିନ ଦେଇଥିଲେ କୋର୍ଟ । କିନ୍ତୁ ସେତେବେଳ ଭାରତ ଛାଡ଼ିବା ପୂର୍ବରୁ ନିହାତି ଭାବେ କୋର୍ଟରୁ ପୂର୍ବ ଅନୁମତି ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବର୍ତ୍ତମାନ ଏହି ସର୍ତ୍ତକୁ କୋହଳ କରି ଦେଇଛନ୍ତି ଅଦାଲତ ।

ଅଦାଲତ ଶୁଣାଣି ସମୟରେ କହିଛନ୍ତି ଯେ, ଜ୍ୟାକଲିନ୍ ଜଣେ ବଲିଉଡ୍ ଷ୍ଟାର୍ ହୋଇଥିବାରୁ ତାଙ୍କୁ ବାରମ୍ବାର ବିଦେଶ ଯାତ୍ରା କରିବାକୁ ପଡୁଛି । ତେଣୁ ତାଙ୍କ ବିଦେଶ ଯାତ୍ରା କଟକଣାକୁ କୋହଳ କରାଯିବା ଉଚିତ୍ । କାରଣ ଦେଶ ଛାଡ଼ିବା ପୂର୍ବରୁ ପୂର୍ବ ଅନୁମତି ପ୍ରାପ୍ତ କରିବା କଷ୍ଟଦାୟକ ଏବଂ ବେଳେ ବେଳେ ଏହା ଜୀବିକାକୁ ମଧ୍ୟ ପ୍ରଭାବିତ କରିପାରେ । କିନ୍ତୁ ତାଙ୍କ ଯାତ୍ରା ବାବଦରେ ସମ୍ପୂର୍ଣ୍ଣ ବିବରଣୀ ଅଦାଲତ କିମ୍ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟରେ ରଖିବା ଜରୁରୀ ବୋଲି କୋର୍ଟ କହିଛନ୍ତି ।

ଜ୍ୟାକଲିନଙ୍କୁ ତାଙ୍କ ଯାତ୍ରା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ଆବଶ୍ୟକ ବୋଲି କହିଛନ୍ତି କୋର୍ଟ । ସେ କେଉଁଠାକୁ ଯିବେ, କେଉଁଠି ରହିବେ, କେତେଦିନ ରହିବେ ଏବଂ ଯେଉଁଠାରେ ରହିବେ ସେଠାକାର ସମ୍ପୂର୍ଣ୍ଣ ଯୋଗଯୋଗ ବିବରଣୀ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ କୋର୍ଟ ଯେଉଁ ସର୍ତ୍ତ ରଖି ତାଙ୍କୁ ଜାମିନ୍ ଦେଇଥିଲେ, ସେସବୁ ସର୍ତ୍ତକୁ ସେ ସଠିକ୍ ଭାବେ ପାଳନ କରିଥିବାରୁ ବର୍ତ୍ତମାନ ତାଙ୍କୁ ଏହି ଆଶ୍ୱସ୍ତି ମିଳିଥିବା ଦର୍ଶାଇଛନ୍ତି ଅଦାଲତ ।

# ୬ ଦିନ ଭିତରେ ୨୫୦ କୋଟି ଟଙ୍କାର ବେପାର କଲାଣି ସନି ଦେଓଲଙ୍କ 'ଗଦର୨'

ବଲିଉଡ୍ ଷ୍ଟାର ସନି ଦେଓଲଙ୍କ 'ଗଦର ୨' ବକ୍ସ ଅଫିସ୍‌ରେ ହଇଚଇ ସୃଷ୍ଟି କରିଛି । ଫିଲ୍ମଟି ଦିନକୁ ଦିନ ଅଧିକରୁ ଅଧିକ ରୋଜଗାର କରିଚାଲିଛି । ଏବେ ଫିଲ୍ମଟିର ୬ ଦିନର କଲେକ୍ସନ ସାମ୍ନାକୁ ଆସିଛି । ଜାଣିବାକୁ ମିଳିଛି ଯେ ଏବେ ସୁଦ୍ଧା ୨୫୦ କୋଟି ଟଙ୍କାର ବେପାର କରି ସାରିଲାଣି 'ଗଦର ୨' । ସନିଙ୍କ ଏହି ଫିଲ୍ମଟି ବୁଧବାର ଦିନ ଭାରତରେ ୩୪.୫୦ କୋଟି ଟଙ୍କାର ବେପାର କରିଛି । ସମୁଦାୟ କଲେକ୍ସନ ମିଶି ଏବେ ସୁଦ୍ଧା ଫିଲ୍ମର ରୋଜଗାର ୨୬୩.୪୮ କୋଟି ଟଙ୍କା ହୋଇଗଲାଣି । ସନି ଦେଓଲଙ୍କ ଫିଲ୍ମ 'ଗଦର ୨' ପ୍ରଥମ ଦିନରେ ୪୦ କୋଟି ଟଙ୍କାର ବେପାର କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଦ୍ୱିତୀୟ ଦିନରେ ଫିଲ୍ମ ୪୩ କୋଟି ଟଙ୍କା ରୋଜଗାର କରିଥିଲା । ତୃତୀୟ ଦିନ ଅର୍ଥାତ୍ ରବିବାର ଦିନ,




ଫିଲ୍ମ ୫୦ କୋଟି ଟଙ୍କାର ବେପାର କରି ଏକ ବଡ଼ ରକମର ରୋଜଗାର କରିବା ପରେ ପ୍ରଥମ ସୋମବାର ବିଷୟରେ କଥା ହେବା ତ, ସେଦିନ ବି ବେପାର ମାନ୍ଦା ପଡ଼ିଲା ନାହିଁ । ସୋମବାର ହୋଇଥିଲେ ମଧ୍ୟ ବହୁ ସଂଖ୍ୟକ ଦର୍ଶକ ଏହି ଫିଲ୍ମ ଦେଖିବାକୁ ଯାଇଥିଲେ । ଫିଲ୍ମ ପ୍ରାୟ ୩୯ କୋଟି ଟଙ୍କା ଲାଭ କରିଥିଲା । 'ଗଦର ୨' ଏହାର ପ୍ରଥମ ୬ ଦିନରେ ବକ୍ସ ଅଫିସରେ ବେଶ୍ ? ଭଲ ପ୍ରଦର୍ଶନ କରିଛି । ସନି ଦେଓଲଙ୍କ 'ଗଦର ୨' ବକ୍ସ ଅଫିସରେ ରେକର୍ଡ ପରେ ରେକର୍ଡ ଭାଙ୍ଗି ଚାଲିଛି । ୨୨ ବର୍ଷ ପୂର୍ବର 'ଗଦର' ପରି, ଏଥର ମଧ୍ୟ ଲୋକମାନେ ସନିଙ୍କ 'ଗଦର ୨' ଉପରେ ପ୍ରେମ ବର୍ଷା କରୁଛନ୍ତି ।

# ଦୈତାରୀ ପଣ୍ଡାଙ୍କ ସୁନ୍ଦର ଅଭିନୟକୁ ପ୍ରଶଂସା



ବର୍ତ୍ତମାନ କୋଣାର୍କ ଗଣନାଟ୍ୟରେ ବରିଷ୍ଠ ଅଭିନେତା ଦୈତାରୀ ପଣ୍ଡା ଖୁବ ସୁନ୍ଦର ଅଭିନୟ କରି ଆଗେଇ ଚାଲିଛନ୍ତି । ତାଙ୍କର ଅଭିନୟ କୁ ହଜାର ହଜାର ଦର୍ଶକ ପ୍ରଶଂସା କରିଛନ୍ତି କ୍ଷ ବର୍ତ୍ତମାନ କୋଣାର୍କ ଗଣନାଟ୍ୟର ନୂତନ ନାଟକ ମିତଲୋ ତତେ ସତ ମୋତେ ମିଛ ଖୁବ ମନଛୁଆଁ ଓ ଆକର୍ଷଣୀୟ ହୋଇ ପାରିଛି । ଏହି ନୂଆ ନାଟକ ରେ କାହାଣୀ, ସଂଳାପ, ଗୀତ ସଂଗୀତ, ବିଭିନ୍ନ କଳାକାରଙ୍କର ସୁନ୍ଦର ଅଭିନୟ ସମସ୍ତଙ୍କ ମନକୁ ଛୁଇଁ ପାରିଛି । ନାଟ୍ୟକାର ଓ ନିର୍ଦ୍ଦେଶକ ଖୁବ ସୁନ୍ଦର ଭାବେ ଏହି ନାଟକକୁ ସଜାଇ ପାରିଛନ୍ତି । ଓଡିଶାର ଯାତ୍ରା ଜଗତର ପ୍ରଖ୍ୟାତ ଅଭିନେତା ଦୈତାରୀ ପଣ୍ଡାଙ୍କ ସହିତ ଅନ୍ୟ କଳାକାରଙ୍କ ଅଭିନୟ ମଧ୍ୟ ଖୁବ ହୃଦୟ ସ୍ପର୍ଶୀ ହୋଇପାରିଛି । ରତି, ମିଟୁନା, ନଳିନୀ, ବସନ୍ତ ସାହୁ ପ୍ରଭୃତି ଅନେକ କଳାକାର ସୁନ୍ଦର ଅଭିନୟ କରୁଛନ୍ତି । ନାଟ୍ୟଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ପ୍ରିୟ ଛାତ୍ର ଦୈତାରୀ ପଣ୍ଡା ଅନେକ ହିଟ ନାଟକ ରେ ଅଭିନୟ କରିଛନ୍ତି । ଜିଅନ୍ତା ଶବ, ସାଧୁ ସାବଧାନ, ବଡ଼ ଘର ବଡ଼ ଗୁମର କଥା, କୁନି ମିଶ୍ର କଟକ ଯାଇଛି, କନିଆ ହଜିଛି ତମ ଗାଁ ରେ, କଉଡ଼ି ଖେଳ, ସିନ୍ଦୁର କହିବ ସ୍ୱାମୀ କାହାର, ଦୁଃଖ ଦେଇଗଲା ଦରଦୀ ବନ୍ଧୁ, ଏମିତି କାହାଣୀ କେବେ ଶୁଣିନି, ଆଖି ଅବୁଝାକୁ ଲୁହ ଅବୁଝା ପ୍ରଭୃତି ଅନେକ ସୁନ୍ଦର ନାଟକରେ ଶ୍ରୀ ପଣ୍ଡା ଅଭିନୟ କରି ଦର୍ଶକ ଦରବାର ରେ ସଫଳତା ହାସଲ କରିଛନ୍ତି ।


ଉପସ୍ଥାପନା : ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୭୦୦୮୬୪୧୮୫୨, ୯୯୩୭୯୭୬୩୫୧


# ବିଗ୍ ବିଙ୍କୁ ଛାଡ଼ି ଶାହରୁଖଙ୍କୁ ଡନ୍ କରିଥିବା ବେଳେ ବି ଏଭଳି ଟ୍ରୋଲ କରାଯାଇଥିଲା : ଫରହାନ




ଅଭିନେତା ତଥା ସିନେ ନିର୍ଦ୍ଦେଶକ ଫରହାନ ଅଖତର କିଛି ଦିନ ତଳେ ଏକ ବଡ଼ ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ । ସେ ଆନୁଷ୍ଠାନିକ ଭାବରେ 'ଡନ୍' ଫ୍ରାଞ୍ଚାଇଜର ତୃତୀୟ ଭାଗ ନିର୍ମାଣ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ । ଅଗଷ୍ଟ ୯ରେ ଡନ୍-୩ର ଟିଜର ରିଲିଜ୍ କରି ଦର୍ଶକଙ୍କ ଉତ୍ସାହ ବଢ଼ାଇଥିଲେ ଫରହାନ । ଟିଜରରେ ଅଭିନେତା ରଣବୀର ସିଂହ ଡନ୍ ହେବେ ବୋଲି ଜଣାପଡ଼ିଥିଲା । ତେବେ ଶାହରୁଖଙ୍କୁ ନନେଇ ରଣବୀରଙ୍କୁ ଡନ୍ ଚରିତ୍ର ଦେଇଥିବାରୁ ଟ୍ରୋଲ ହୋଇଥିଲେ ଫରହାନ । ଏବେ ଟ୍ରୋଲିଂ ଉପରେ ଜବାବ ଦେଇଛନ୍ତି ଫରହାନ ଅଖତର । ସେ କହିଛନ୍ତି ଯେ, "ମୁଁ ପ୍ରକୃତରେ ଏହାକୁ ଆଗକୁ ନେବାକୁ ଅପେକ୍ଷା କରିଛି । ମୋର କହିବାର ମାନେ ହେଲା ରଣବୀର ବହୁତ ଭଲ ଅଭିନେତା । ଏହି ଭୂମିକା ପାଇଁ ସେ ପୂରା ଫିଟ୍ । ଯେତେବେଳେ ଶାହରୁଖଙ୍କୁ ଡନ୍ କରାଯାଇଥିଲା, ସେତେବେଳେ ବି ଆମକୁ ଟ୍ରୋଲ କରାଯାଇଥିଲା । ସମସ୍ତେ କହିଲେ, 'ହେ ଭଗବାନ, ତୁମେ କିପରି ଅମିତାଭ ବଚ୍ଚନଙ୍କୁ ବଦଳାଇ ପାରିବ' ସେତେବେଳେ ବି ଏହି ସବୁ ଘଟିଥିଲା । ହେଲେ ପରେ ଶାହରୁଖ ସମସ୍ତଙ୍କ ମନ କିଣିଥିଲେ । ପୂର୍ବରୁ ଦୁଇଟି ଭାଗରେ କିଙ୍ଗ ଖାନ୍ ଶାହରୁଖ ଡନ୍ ଭୂମିକାରେ ନଜର ଆସିଥିବା ବେଳେ ଏବେ ତୃତୀୟ ଭାଗରେ ରଣବୀର ସିଂହ ଡନ୍ ହେବେ । ଟିଜରରେ ରଣବୀରଙ୍କ ଧମାକେଦାର ଲୁକ୍ ଦେଖିବାକୁ ମିଳିଛି । ଏବେ ଟିଜର ରିଲିଜ୍ ହୋଇଥିବା ବେଳେ ଆସନ୍ତା ବର୍ଷ ଫିଲ୍ମର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

# ଓଲିଉଡର ଲୋକପ୍ରିୟ ନାୟକ ଅରିନ୍ଦମଙ୍କ ନୂଆ ସିନେମାର ନବାଗତା ନାୟିକା




ଦଶହରାରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର କାହାଣୀକାର ଓ ପ୍ରଯୋଜକ ହେଲେ ନିଜେ ଅରିନ୍ଦମ ରାୟ । ଓଲିଉଡର ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି ଏହାର ନିର୍ଦ୍ଦେଶନା ଦେଉଛନ୍ତି । ଭରଦ୍ୱାଜ ପଣ୍ଡା ଏହି ସିନେମାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି । ରତ୍ନା ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ସିନେମାର ସଙ୍ଗୀତକାର ହେଲେ ଅସଦ ନିଜାମ ଓ ଲିଙ୍କନ୍ । ପ୍ରଥମ ଓଡ଼ିଆ ଫିଲ୍ମରେ ରୂପସାଙ୍କୁ ଦର୍ଶକୀୟ ସମର୍ଥନ ମିଳୁଛି କି ନା, ତାହା ଦେଖିବାକୁ ବାକି ରହିଲା । ଖାଲି ସେତିକି ନୁହେଁ ଏହି ସୁପର୍ ଆକସନ୍ ମୁଭିରେ ରୂପସାଙ୍କ ଭୂମିକା କ'ଣ ତାକୁ ନେଇ ନେଇ ଉଭୟ ଓଲିଉଡ ଓ ଟଲିଉଡରେ ଉତ୍କଣ୍ଠା ଲାଗି ରହିଛି ।

ଓଲିଉଡର ଲୋକପ୍ରିୟ ନାୟକ ଅରିନ୍ଦମ ଏବେ ତାଙ୍କ ନୂଆ ଛବି 'ରାମ୍' ପାଇଁ ଚର୍ଚ୍ଚାରେ ରହିଛନ୍ତି । ଫିଲ୍ମର ସୁଟିଂ ଜୋରସୋରରେ ଚାଲିଛି । ସବୁଠୁ ବଡ଼ କଥା ହେଲା ଯେ ଏଥିରେ ଅରିନ୍ଦମଙ୍କ ବିପକ୍ଷରେ ଜଣେ ବଙ୍ଗୀୟ ନାୟିକାଙ୍କୁ ନିଆଯାଇଛି । ସେ ଓଲିଉଡ ପାଇଁ ନବାଗତା । ନାଆଁ ତାଙ୍କର ରୂପସା ମୁଖୋପାଧ୍ୟାୟ । ରୂପସା ଅବଶ୍ୟ ବଙ୍ଗଳା ସିନେଜଗତରେ ବେଶ୍ ପରିଚିତ । ୨୦୧୬ରେ ମୁକ୍ତିଲାଭ କରିଥିବା ବଙ୍ଗଳା ଛବି 'ଭାଲୋବାସା ଭାଲୋବାସା'ରେ ଅଭିନୟ କରି ରାତାରାତି ଷ୍ଟାର୍ ବନିଥିଲେ । ଏହାପରେ ତାଙ୍କୁ କେ ତୁମି ନନ୍ଦିନୀ ଏବଂ ହରର ଷ୍ଟୋରିଜ୍ ଆଦି ବଙ୍ଗଳା ଛବିରେ ଦେଖିବାକୁ ପାଇଛନ୍ତି ସିନେପ୍ରେମୀ । ଏବେ ବି ରୂପସାଙ୍କ ହାତରେ କେତୋଟି ବଙ୍ଗଳା ସିନେମା ଅଛି । ତେବେ ଖୁବ୍ ଶୀଘ୍ର ସେ ଓଡ଼ିଆ ଛବି 'ରାମ୍' ରେ ନଜର ଆସିବେ । ଏହା ହେବ ତାଙ୍କର ପ୍ରଥମ ଓଡ଼ିଆ ଛବି । ଏହା ଅବଶ୍ୟ ଏକ ଦ୍ୱିଭାଷୀ(ଓଡ଼ିଆ-ବଙ୍ଗଳା) ସିନେମା ।



# ପୁଅ ଅଭିଷେକଙ୍କ ଫିଲ୍ମ ରିଲିଜ୍ ପୂର୍ବରୁ ଖାଲି ପାଦରେ ସିଦ୍ଧିବିନାୟକ ମନ୍ଦିର ଗଲେ ବିଗ୍ ବି



ପୁଅ ତଥା ବଲିଉଡ ଅଭିନେତା ଅଭିଷେକ ବଚ୍ଚନଙ୍କ ଫିଲ୍ମ ରିଲିଜ୍ ପୂର୍ବରୁ ଖାଲି ପାଦରେ ସିଦ୍ଧିବିନାୟକ ମନ୍ଦିର ଗଲେ ବିଗ୍ ବି ଅମିତାଭ ବଚ୍ଚନ । ବଲିଉଡ ସୁପରଷ୍ଟାର ଅମିତାଭ ବଚ୍ଚନ ଗୁରୁବାର ଦିନ ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିରକୁ ପ୍ରାର୍ଥନା କରିବା ପାଇଁ ପହଞ୍ଚିଥିବା ଦେଖାଯାଇଥିଲା । ସକାଳ ସମୟରେ ବର୍ଷା ହେଉଥିଲେ ବି ପୁଅ ପାଇଁ ମନ୍ଦିରରେ ପୂଜା କରିବାକୁ ପହଞ୍ଚିଥିଲେ ବିଗ୍ ବି । ଏହି ସମୟରେ ସେ ଧଳା ରଙ୍ଗର ପୋଷାକ ପରିଧାନ କରିଥିବା ଦେଖାଯାଇଥିଲା । ଶୁକ୍ରବାର ଅଭିଷେକ ବଚ୍ଚନଙ୍କ ଫିଲ୍ମ 'ଘୁମର' ରିଲିଜ୍ ହେବ । ଏଥିରେ ସେ ଜଣେ ପ୍ରଶିକ୍ଷକଙ୍କ ଭୂମିକାରେ ନଜର ଆସିବେ । ଫିଲ୍ମର ଟ୍ରେଲର ଦମଦାର ଥିବା ବେଳେ ବକ୍ସ ଅଫିସରେ ଫିଲ୍ମକୁ ଦର୍ଶକଙ୍କ ଭଲପାଇବା ମିଳିବ ବୋଲି ଆଶା କରାଯାଉଛି । ଏମଧ୍ୟରେ ପୁଅକୁ ସଫଳତା ମିଳୁ ବୋଲି କାମନା କରି ଅମିତାଭ ବଚ୍ଚନ ରିଲିଜର ଗୋଟିଏ ଦିନ ପୂର୍ବରୁ ମନ୍ଦିରରେ ପହଞ୍ଚିଥିବା ଦେଖିବାକୁ ମିଳିଛି ।

# ନୀଳଗିରି ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ପାଳିତ




ନୀଳଗିରି , ୧୭/୦୭ (ନି.ପ୍ର): ନୀଳଗିରିର ସର୍ବପୁରାତନ ଏବଂ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନୀଳଗିରି ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଅଗଷ୍ଟ ୧୫ତାରିଖ ଦିନ କଲେଜ ସମ୍ମିଳନୀକକ୍ଷରେ ଅଧ୍ୟକ୍ଷା ଶ୍ରୀମତୀ ଉର୍ବଶୀରାଣୀ ଜେନାଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ,ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ ଓ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ଆଶିଷ କୁମାର ଦାସ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରି ନୀଳଗିରି କଲେଜର ଇତିହାସ,ଗୌରବ ତଥା କଲେଜର ପ୍ରାଣ ପ୍ରତିଷ୍ଠାତା ମାନଙ୍କର ସ୍ମୃତିଚାରଣ କରିଥିଲେ । ସେହିପରି କଲେଜର ପୁରାତନ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ କଲେଜର ଭବିଷ୍ୟତ ତଥା ଉନ୍ନତିକରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପୁରାତନ ଛାତ୍ର ରାଜେନ୍ଦ୍ର କୁମାର ଜେନା, ରଶ୍ମିରଞ୍ଜନ ରାଉତ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସେମାନେ ନିଜକୁ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଉପଖଣ୍ଡ ସ୍ତରୀୟ ପ୍ୟାରେଡରେ ଅଂଶଗ୍ରହଣ କରି ବିଜୟୀ ଟ୍ରଫି ପାଇଥିବାରୁ ସେମାନଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧନା କରିବା ସହିତ ଦେଶ ନିର୍ମାଣରେ ନିଜକୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ । ସେହିପରି ଛାତ୍ରଛାତ୍ରୀ ମାନଙ୍କର କୃତିତ୍ୱକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ+୨ ଓ+୩ ସ୍ତରରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ଟପର ମାନଙ୍କୁ ମାନପତ୍ର ସହିତ ମେଡାଲ ପ୍ରଦାନ କରାଯାଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ ଅର୍ଥନୀତି ବିଭାଗର ମୁଖ୍ୟ ଡ. ଶଙ୍କର୍ଷଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ ନଳିନୀକାନ୍ତ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ନଭେମ୍ବର ୯ରୁ ଭୁବନେଶ୍ୱରରେ ମିଲେଟ ଆନ୍ତର୍ଜାତିକ ସମ୍ମେଳନ

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆସନ୍ତା ନଭେମ୍ବର ୯ ଓ ୧୦ ତାରିଖରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ । ଆନ୍ତର୍ଜାତିକ ସମ୍ମେଳନ ପାଳନ ନିମନ୍ତେ କୃଷି ଭବନଠାରେ ସାଙ୍ଗଠନିକ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍ ରିସର୍ଚ୍ଚ, ଇକ୍ରିସାଟ୍, ଖାଦ୍ୟ ଓ କୃଷି ସଂଗଠନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ୟର୍କ ବିଶ୍ୱବିଦ୍ୟାଳୟ, ଏସ୍‌ସିଏସ୍ ଟିଆରଟିଆଇ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକର ସହଯୋଗରେ ସମ୍ମିଳନୀର ଆୟୋଜନ କରାଯିବାର ନିଷ୍ପତି ନିଆଯାଇଛି । ଓଡ଼ିଶା ମିଲେଟ୍ ମିଶନର ନେତୃତ୍ୱରେ ଓ ବିଭିନ୍ନ ସରକାରୀ ବିଭାଗ, କେନ୍ଦ୍ରୀୟ ସଂସ୍ଥା, ବେସରକାରୀ ଅଂଶୀଦାର, କୃଷକ, କୃଷକ ଉତ୍ପାଦକ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗବେଷଣା ପ୍ରତିଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗରେ ଏହି ସମ୍ମିଳନୀର ଆୟୋଜନ କରାଯିବ ।

ଏହି ଅବସରରେ ବିଭିନ୍ନ ଆଲୋଚନାଚକ୍ର, ଉଦ୍ୟୋଗୀ ଓ ବ୍ୟବସାୟୀକ ସଂସ୍ଥାର ବୈଠକ, ପ୍ରଦର୍ଶନୀ ମଣ୍ଡପ, କୃଷି ଯାନ୍ତ୍ରିକୀକରଣ ଷ୍ଟଲ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହଯୋଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ପ୍ରବନ୍ଧ ଲିଖନ ଓ ଏକ୍ସଟେମ୍ପୋର, ଆନ୍ତର୍ଜାତିକ ଖାଦ୍ୟ ମହୋତ୍ସବ ଏବଂ ରନ୍ଧନ ପ୍ରତିଯୋଗିତା ଆଦିର ଆୟୋଜନ ଓ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ମିଶନଶକ୍ତି ବିଭାଗ ଦ୍ୱାରା ମିଲେଟ୍ ଆଧାରିତ ଉଦ୍ୟୋଗରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଫଳତା ଓ ଆହ୍ୱାନ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ମଧ୍ୟ ଆୟୋଜନ କରାଯିବ । ଏଥିସହିତ ବିଲ୍ ଓ ମିଲିଣ୍ଡା ଗେଟସ ଫାଉଣ୍ଡେସନ ମାଧ୍ୟମରେ ମାଣ୍ଡିଆ ଉପରେ ବିକଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଉପରେ ଏକ ସ୍ୱତନ୍ତ୍ର ଅଧିବେସନର ମଧ୍ୟ ଆୟୋଜନ କରାଯିବ ।

ଏହି ଅବସରରେ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ମିଲେଟରେ ଆଫ୍ରିକୀୟ ଦେଶମାନଙ୍କ ସହିତ ଦକ୍ଷିଣ - ଦକ୍ଷିଣ ସହଯୋଗକୁ ନିର୍ଣ୍ଣିତ କରିବା ପାଇଁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ସକ୍ରିୟ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଶିଳ୍ପୋଦ୍ୟୋଗୀ ମାନଙ୍କର ରାଉଣ୍ଡଟେବୁଲ ବୈଠକ ଆୟୋଜନ କରାଯିବ । ଏଥିସହିତ ରୋଡ-ଶୋର ଆୟୋଜନ କରାଯିବ ଯେପରି ଆଗ୍ରହୀ କମ୍ପାନୀମାନେ ଚିହ୍ନଟ ହୋଇ ସମ୍ମିଳନୀକୁ ଆମନ୍ତ୍ରଣ କରାଯାଇ ପାରିବ । ଏଥିସହିତ ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ନିଉଟ୍ରି ହବ୍ ର ସହଯୋଗିତାରେ ଷ୍ଟର୍ଟଅପ୍ ର ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋଚନା କରାଯିବ । ମିଶନଶକ୍ତି ବିଭାଗ ପକ୍ଷରୁ ମେକ-ଇନ୍-ଓଡ଼ିଶା ଆଧାରରେ ଏହି ସମ୍ମିଳନୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଅଂଶଗ୍ରହଣ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିସହିତ ଶିଳ୍ପ, ଷ୍ଟାର୍ଟଅପ୍ ଏବଂ ରପ୍ତାନୀକାରୀଙ୍କ ମଧ୍ୟରେ ଆଲୋଚନାଚକ୍ରର ଆୟୋଜନ କରାଯିବ ।

# ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ବିଶ୍ୱବିଦ୍ୟାଳୟ ସ୍ଥାପନର ନିଆରା ଦାବି



ଭଦ୍ରକ, ୧୭/୦୭ (ନି.ପ୍ର): ବିଦ୍ୟାର୍ଥୀ ବିକାଶ ମଞ୍ଚ, ଭଦ୍ରକ ତରଫରୁ ସ୍ଥାନୀୟ ଜାନୁଗଞ୍ଜ ଦୁର୍ଗା ମଣ୍ଡପ ସ୍ଥିତ ଉକ୍ତ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଦ୍ରକ ଏକ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିକୁ ଦୋହରାଯାଇଛି । ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ର. ଡ. ଦେବେନ୍ଦ୍ର ନାଥ ରାଉତ ପତାକା ଉତ୍ତୋଳନ କରିବା ସହିତ ଏକ ସଶକ୍ତ ଭାରତ ନିର୍ମାଣର ମାର୍ଗଦର୍ଶନ କରିଥିଲେ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ଉପଦେଷ୍ଟା ଡ. ରାଧାରାଣୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିତ୍ୟାନନ୍ଦ ଜେନା, ବରେଣ୍ୟ ଅତିଥି ଭାବେ ସମାଜସେବୀ ଅନିଲ ଦେ, ପ୍ରାକ୍ତନ ପ୍ରଧାନ ଶିକ୍ଷୟତ୍ରୀ ଗୀତାରାଣି ଆଇଚ, ରୋଟାରିଆନ ଅଭିଜିତ୍ ନାୟକ, ସାମାଜିକ କର୍ମୀ ଅତୁଲ ଦେ, ପ୍ରମୋଦା ମହାରଣା, ଅଧ୍ୟାପକ ସଂଗ୍ରାମ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀଧର ରାଉତ, ଅଖୁଜୀ ବିଶ୍ୱାଳ, କମଳାମଣି ନାୟକ, ସମ୍ବର୍ଦ୍ଧିତ ପ୍ରତିଭା ଅମିତ୍ ନାୟକ, ଡା. ଆର୍.କେ. ନାୟକ, ଗୋବର୍ଦ୍ଧନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା । ଏଥସହ ବୃକ୍ଷରୋପଣ ଓ ଏହାର ଉପକାରିତା ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା । ଭଦ୍ରକରେ ପଲ୍ଲୀ ଭାରତୀ ବିଶ୍ୱ ବିଦ୍ୟାଳୟ ସ୍ଥାପନ ଦାବି କରି ଶତାଧିକ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳ ହୋଇଥିବା ଭଦ୍ରକ ଜିଲ୍ଲାର କୃତି ସନ୍ତାନ ଅମିତ୍ ନାୟକଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିରୂପା ନଦୀରେ ମହିଳାଙ୍କୁ ଟାଣି ନେଇ ଝୁଣି ଖାଇଲା କୁମ୍ଭୀର : ନଦୀ କୂଳିଆ ଲୋକେ ଆତଙ୍କିତ

ଧର୍ମଶାଳା, ୧୭/୦୭ (ନି.ପ୍ର): କୁମ୍ଭୀର ବଂଶ ବିସ୍ତାର ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହ କୁମ୍ଭୀର ଗଣନା କରୁଛନ୍ତି । ହେଲେ ଏହି କୁମ୍ଭୀରମାନଙ୍କୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ଗତ କିଛି ଦିନ ପୂର୍ବେ ରାଜ୍ୟରେ ୨ଜଣଙ୍କ ଜୀବନ ଯାଇଥିବା ବେଳେ ଆଜି ଆଉ ଜଣଙ୍କର କୁମ୍ଭୀର ମୁହଁରେ ଜୀବନ ଯାଇଛି । ଆଜି ଏକ ହୃଦୟ ବିଦାରକ ଘଟଣା ଘଟିଛି ଯାଜପୁର ଜିଲା ବରୀ ବ୍ଲକ ଅମଠପୁର ପଂଚାୟତସ୍ଥ ପାଲଟପୁର ଗ୍ରାମରେ । ଗାଁ ନିକଟସ୍ଥ ବିରୂପା ନଦୀକୁ ଲୁଗା ସଫେଇ କରିବାକୁ ଯାଇ କୁମ୍ଭୀର ମୁହଁରେ ଜଣେ ମହିଳାଙ୍କ ଜୀବନ ଯାଇଛି । କ୍ଷଣକ ସମୟ ମଧ୍ୟରେ ମହିଳାଙ୍କୁ କଚାଡି ମାରି ଖାଇ ଦେଇଥିଲା ଜନସାଧାରଣ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଆଗରେ । ମହିଳାଙ୍କୁ ୯୦ ପ୍ରତିଶତ ଖାଇ ଦେଇଥିବା ବେଳେ ମହିଳା ଜଣକ ହେଲେ ପାଲଟପୁର ଗ୍ରାମର ଅନାମ ଚରଣ ଜେନାଙ୍କ ପତ୍ନୀ ଜ୍ୟୋସ୍ନା (୩୫) ବୋଲି ଜଣାପଡିଛି । ସୂଚନା ମୁତାବକ,ବୁଧବାର ସକାଳ ୬ଟା ସମୟରେ ଜ୍ୟୋସ୍ନା ଘରର ଲୁଗାପଟା ସଫା କରିବା ପଇଁ ନିକଟସ୍ଥ ବିରୂପା ନଦୀକୁ ଯାଇଥିଲେ । କିନ୍ତୁ ସେଠାରେ ମରଣ ଛକି ରହିଥିଲେ । କିଛି ସମୟ ମଧ୍ୟରେ ସବୁ ଓଲଟ ପାଲଟ ହୋଇ ଯାଇଥିଲା । କୂଳରେ ଛକି ରହିଥିଲା କୁମ୍ଭୀର । ଜ୍ୟୋସ୍ନା ପାଣି ଭିତରେ ଗୋଡ ଦେଉ ଦେଉ କ୍ଷଣକ ସମୟରେ ପାଣି ଭିତରକୁ ଟାଣି ନେଇ କଚାଡି ଦେଇ ଖାଇ ଦେଇଥିଲା । ନିକଟରେ ଥିବା ଲୋକେ ଏହାକୁ ଦେଖି ଘଟଣାସ୍ଥଳକୁ ଯାଇଥିଲେ । ହେଲେ ସେମାନେ କିଛି କରି ପାରି ନ ଥିଲେ । ଶେଷରେ ଉପାୟ ଶୂନ୍ୟ ହୋଇ ବରୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ କୁମ୍ଭରକୁ ଘଉଡାଇ ଥିଲେ ମଧ୍ୟ ସେତବେଳକୁ କୁମ୍ଭୀରଟି ତାଙ୍କ ମୁଣ୍ଡ ଓ ଗୋଟିଏ ଗୋଡକୁ ଛାଡି ଦେହର ସବୁ ଅଂଶକୁ ଖାଇ ଦେଇଥିଲା । ଅଗ୍ନିଶମ ବିଭାଗ କୁମ୍ଭୀରକୁ ଘଟଣାସ୍ଥଳରୁ ଘଉଡାଇ ଦେଇଥିଲେ । ପାଣି ଭିତରୁ ଦେହର କିଛି ଅଂଶକୁ ଉଦ୍ଧାର କରିଥିଲା । ଘଟଣାସ୍ଥଳରେ ବନ ବିଭାଗ,ବରୀ ତହସିଲଦାର ,ସ୍ଥାନୀୟ ରାଜସ୍ୱ ନିରୀକ୍ଷକ,ବରୀ -ରାମଚନ୍ଦ୍ରପୁର ଥାନା ଅଧିକାରୀ ପ୍ରମୁଖ ପଂହଚିଥିଲେ । ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇ ଥିବା ଜଣାପଡିଛି । ପ୍ରାଥମିକ ସ୍ତରରେ ବନ ବିଭଗ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବରୀ ବିଧାୟିକା ସୁନନ୍ଦା ଦାସ,ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଘଟଣାସ୍ଥଳରେ ପଂହଚି ଘଟଣାର ଅନୁଧ୍ୟାନ କରିବା ସହ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ । ଏହି ନଦୀରୁ କୁମ୍ଭୀରକୁ ଧରି ଅନ୍ୟତ୍ର ଛଡା ଯିବାକୁ ଅଂଚଳବାସୀ ବନ ବିଭାଗ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏଭଳି ଘଟଣାକୁ ନେଇ ଯାଜପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ୮୭ଜଣ ଶ୍ରମିକଙ୍କୁ ୪୩,୫୩,୪୦୦ ଟଙ୍କାର ସହାୟତା ରାଶି ପ୍ରଦାନ

ଖୋର୍ଦ୍ଧା, ୧୭/୦୭ (ନି.ପ୍ର): ବୁଧବାର ଟାଙ୍ଗୀ ବ୍ଲକର ଏକ କଲ୍ୟାଣ ମଣ୍ଡପରେ ଯୁଗ ଶ୍ରମ ଆୟୁକ୍ତ, କାର୍ଯ୍ୟାଳୟ, ଭୁବନେଶ୍ୱର ଦ୍ୱାରା ପରଚାଳିତ ଏକ ସହାୟତା ଶିବିର ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷ । ଶ୍ରୀମୟୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଲ୍ୟାଣ ବୋର୍ଡ ଅଧୀନରେ ପଂଜିକୃତ ୨୧ ଜଣ ଶ୍ରମିକ ମାନଙ୍କୁ ମୃତ୍ୟୁ କାଳୀନ ସହାୟତା ରାଶି ୩୮,୦୦,୦୦, ୨୧ ଜଣ ଶ୍ରମିକଙ୍କୁ ଅନ୍ତେଷ୍ଟିକ୍ରୀୟା ସହାୟତା ବାବଦରେ ୧,୦୫,୦୦୦ ଟଙ୍କା,୦୫ ଜଣଙ୍କୁ ବିବାହ କାଳୀନ ସହାୟତା ବାବଦରେ ୨,୫୦,୦୦୦ଟଙ୍କା ସହାୟତା ରାଶି,୫ ଜଣଙ୍କୁ ପ୍ରସବ କାଳୀନ ସହାୟତ ବାବଦରେ ୫୦,୦୦୦ଟଙ୍କା, ୩୫ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୧,୪୮,୪୦୦)/- ଟଙ୍କା ଏପରିକି ମୋଟ ୮୭ ଜଣଙ୍କୁ ୪୩,୫୩,୪୦୦ /- ଟଙ୍କାର ସହାୟତା ରାଶି ପ୍ରଦାନ କରୁଥିଲେ । ସେହିପରି ୨୮୧ ଜଣ ନୂତନ ଭାବେ ପଂଜିକୃତ ନିର୍ମାଣ ଶ୍ରମିକ ମାନଙ୍କୁ ପଞ୍ଜିକରଣ ପତ୍ର ବଣ୍ଟନ ଅତିଥିମାନେ ବଣ୍ଟନ କରିଥିଲେ । ବିଭାଗୀୟ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର ଏହାକୁ ପରିଚାଳନା କରିଥିଲା ବେଳେ ସହକାରୀ ଶ୍ରମ ଅଧିକାରୀ ବିକାଶ ନାୟକ ସ୍କିମ ସମ୍ପର୍କରେ ଶ୍ରମିକ ମାନଙ୍କୁ ଅବଗତ କରାଇଥିଲେ ।ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶ୍ରମ ଅଧିକାରୀ ଚନ୍ଦନ ମାଝୀ , ପ୍ରଭାକର ବିଶ୍ୱାଳ, ରଶ୍ମିତା ପାତ୍ର, ମୋନାଲିସା ଜେନା, କଲ୍ୟାଣ ସଂଯୋଜକ ଲମ୍ବୋଦର ରାଉତ,ବ୍ଲକ ଅଧ୍ୟକ୍ଷ , ବିଡ଼ିଓ,ସରପଞ୍ଚଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ପ୍ରମୁଖ ଯୋଗଦେଇ ଥିଲେ ।ଶେଷରେ ଚନ୍ଦନ ମାଝୀ, ସହକାରୀ ଶ୍ରମ ଅଧିକାରୀ, ବାଲୁଗାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଣୀ ସାହିତ୍ୟ ଆନୁକୂଲ୍ୟରେ ଅମୃତ ମହୋତ୍ସବର ପୂର୍ଣ୍ଣାହୁତି

ଭୁବନ, ୧୭/୦୭ (ନି.ପ୍ର): ଭୁବନ ସହରର ସର୍ବ ପୁରାତନ ତଥା ସମ୍ଭ୍ରାନ୍ତ ସାରସ୍ୱତ ବାଣୀ ପୀଠ, ବାଣୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ରବୀନ୍ଦ୍ର କୁମାର ହୋତାଙ୍କ ପୌରୋହିତ୍ୟରେ ମନୋଜ୍ଞ କବିତାପାଠ ଉତ୍ସବ ତଥା ବନ୍ଧୁ ମିଳନ ସଙ୍ଗଠିତ ହୋଇଯାଇଅଛି । ନୂଆ ଭୁବନସ୍ଥ ରଘୁନାଥ ଭବନରେ ସଂସଦ ତରଫରୁ ଭାରତ ସ୍ୱାଧୀନତା ପ୍ରାପ୍ତିର ପଂଚସ୍ତରୀ ବର୍ଷ ପୂରଣର ଅମୃତ ମହୋତ୍ସବର ପୂର୍ଣ୍ଣାହୁତି ପର୍ବ, ମହା ସମାରୋହରେ ପାଳିତ ହୋଇଅଛି । ପ୍ରଥମରେ ବାଣୀ ବନ୍ଦନ ଓ ଆବଆହନ ସଭାପତିଙ୍କ ଦ୍ୱାରା ସଙ୍ଗଠିତ ହୋଇଥିଲା । କବୟିତ୍ରୀ ବିଳାସିନୀ ପୃଷ୍ଟି, ଲୁକେଶ୍ୱରୀଶା, ସଂଯୁକ୍ତା ବେହେରା, ପ୍ରିୟମ୍ବଦା ମିଶ୍ର, ଚିତ୍ରଶିଳ୍ପୀ ନାରାୟଣ ସାହୁ, ସେମାନଙ୍କର ସ୍ୱରଚିତ କବିତା ଆବୃତି କରି ଦେଶର ଅମୃତ ମହୋତ୍ସବର ଜୟ ଗାନ କରିଥିଲେ । ସଭାପତି ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା କବିତା ପାଠ ପୂର୍ବକ ଭାରତର ମୁକ୍ତି ସମ୍ପ୍ରାମର ଅନେକ ଅନାଲୋଚିତ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

# ଗାର୍ଡିଙ୍ଗିଆରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କନ୍ଧମାଳ , ୧୭/୦୭ (ନି.ପ୍ର): ଟିକାବାଲି ବ୍ଲକ ଅନ୍ତର୍ଗତ ଗାର୍ଡିଙ୍ଗିଆ ଗ୍ରାମପଞ୍ଚାୟତ ଏକ ଉପାନ୍ତ ଏବଂ ଦୁର୍ଗମ ଅଂଚଳ, ଏଠିକାର ଜନସାଧାରଣ ଙ୍କ ଜୀବନ କାହାଣୀ ଅତି ନିଆରା ଏବଂ ଭିନ୍ନ ଏକ ଆକୃଷ୍ଟ ସରଳ ଏବଂ ଭାତୃଭାବ ର ପ୍ରତିକ, ଯାହା ଆଜି ବ୍ଲକର ସମସ୍ତ କ୍ରୀଡାପ୍ରେମୀ ଙ୍କ ପାଇଁ , ଏକ ଭଲିବଲ ଟୁର୍ନାମେଣ୍ଟ ଆୟୋଜକ ଆର ଏମ୍ ସି ଦଳ ର ଉପଦେଷ୍ଟା ନିର୍ଦ୍ଦେଶକ ଏବଂ ବହୁ ଚର୍ଚ୍ଚିତ କନ୍ଧମାଳ ସିକ୍ସ ଭଲିବଲ ଟିମ ର ମେନ୍ୟଞ୍ଜର ଅତୁଳ କୁମାର ଦିଗାଲ ( ପିଣ୍ଟୁ ) ଏବଂ ନିଜଟିମ ର ଖେଳାଳି ମାନଙ୍କୁ ନେଇ ଏକ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ, ଏଥିରେ ସେଥିମଧ୍ୟରୁ କଟଡି, ପେନାଗୋବେରି, ମହାଗୁଡା, ରୁଦାଙ୍ଗିଆ, ଡ଼ାମ୍ବା, ମାଲିକପଡ଼ି, ଗଟାମାହା ଏବଂ ଗାର୍ଡିଙ୍ଗିଆ ସମେତ, ସମୁଦାୟ ୮ ଟି ଦଳ ଭାଗନେଇଥିଲେ । ଏହି ପ୍ରତିଯୋଗିତା ଗତ ୧୧ ତାରିଖ ଠାରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ତାରିଖ ,ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ରଞ୍ଜାବ୍ରଡ଼ି ଭଲିବଲ ଖେଳପଡିଆରେ, ଏକ ବନ୍ଧୁତ୍ୱ ପୂର୍ଣ୍ଣ ରଭଳି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ୧୫ ଅଗଷ୍ଟ ସ୍ୱାଧୀନତା ଦିବସ ପାଳନ ଅବସରରେ ଆଜି ତାର ଶେଷ ମ୍ୟାଚରେ ଆର ଏମ୍ ସି ଗାର୍ଡିଙ୍ଗିଆ,ବନମ ଗଟାମାହା ମଧ୍ୟରେ ଚିତାକର୍ଷକ ଏବଂ ଆକର୍ଷଣୀୟଖେଳ ନିଜ ନିଜର ଖେଳ, କୌଶଳ, ଓ ପ୍ରତିଭା କୁ ପ୍ରଦର୍ଶନ କରି ଉଭୟ ଦଳ ଉପସ୍ଥିତ ରହି ଖେଳ କୁ ଉପଭୋଗ କରୁଥିବା ଖେଳ ପ୍ରେମି ଙ୍କୁ ବେସ ମନମୁଗ୍ଧ କରି ଦର୍ଶକ ମାନଙ୍କ ମନକୁ କିଣି ନେଇଥିଲେ, ଶେଷରେ ଗଟାମାହା ଦଳ ଆୟୋଜନ ଆର୍ ଏମ୍ ସି ଗାର୍ଡିଙ୍ଗିଆ ଦଳକୁ ତିନି ଦୁଇ ରେ ପରାସ୍ତ କରି ବିଜୟୀ ହୋଇଛି । ଏହି ଖେଳ ର ମୁଖ୍ୟ ଅତିଥିଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସାଧବାଣୀ ନାୟକ , ବି ଜେ ପି ବରିଷ୍ଠ ରାଜନୈତିକ ରାମବିଶ ଦିଗାଲ, ଗାର୍ଡିଙ୍ଗିଆ ସରପଞ୍ଚ ଜିତେନ୍ଦ୍ର ମଲିକ,, କ୍ରୀଡା ଶିକ୍ଷକ ଦେବେନ୍ଦ୍ର ଦିଗାଲ, ଅବସର ପ୍ରାପ୍ତ ଦେଶସେବକ ପୂର୍ଣ୍ଣଚନ୍ଦ୍ର ଦିଗାଲ ପ୍ରମୁଖ ଉପସ୍ଥିତ ଥିବା ବେଳେ, ଖେଳ ର ଶାନ୍ତି ଶୃଙ୍ଖଳା ଓ ଖେଳ ର ନିୟମ ଆଦିକୁ ସୁଚାରରୂପେ ରେଫରୀ ଭାବ ରେ ରାଜକପୁର ପ୍ରଧାନ, ପରିଚାଳନା କରିଥିବା ବେଳେ ସରଜ ପ୍ରଧାନ ଓ ଚିନୁ ଦିଗାଲ, ଲାଇନ ମେନ ଭାବରେ ଆୟୋଜନ ପ୍ରତିଯୋଗିତା କୁ ଅତି ସୁନ୍ଦର ଭାବ ରେ କର୍ତ୍ତ୍ୟ ଓ ଦାୟିତ୍ୱ ବହନ କରି ଖେଳ କୁ ମଜାଦାର କରିଥିଲେ ।

# ବାଲିମେଳାରୁ ୨,୫୦,୦୦୦ ଟଙ୍କାର କାଠ ଜବତ

ମାଲକାନଗିରି, ୧୭/୦୭ (ନି.ପ୍ର): ବିଶେଷ ସୂତ୍ରରୁ ଖବର ପାଇଁ ବାଲିମେଳା ବନାଂଚଳ ତରଫରୁ ବାଲିମେଳା ସହର ମଧ୍ୟସ୍ଥ ମନ୍ଦିର ତଳ ଲାଇନ (ୱାର୍ଡ ନଂ -୦୯) ଠାରେ ମୋହିଦ୍ଦିନ ଶରିଫ୍,ବୟସ -୫୦ ବାସଗୃହରେ ଏକ ରେଡ଼ କରାଯାଇଥିଲା । ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲ୍ଲୀଙ୍କ ନିର୍ଦ୍ଦେଶରେ ବନାଂଚଳ ଅଧିକାରୀ, ବାଲିମେଳା ଶ୍ରୀ ଜଗନ୍ନାଥ ପ୍ରସାଦ ବିଷୋୟି ଙ୍କ ନେତୃତ୍ୱ ରେ ବାଲିମେଳା ବନାଂଚଳ ୩୭ ଜଣିଆ ଟିମ ଏବଂ ଏକ୍ଜିକୁଟିଭ ମାଜିଷ୍ଟ୍ରେଟ ଶ୍ରୀ ପ୍ରଶାନ୍ତ ଭାତ୍ରା (ଅତିରିକ୍ତ ତହସିଲଦାର, ଚିତ୍ରକୋଣ୍ଡା)ଙ୍କ ଉପସ୍ଥିତିରେ ରେଡ଼ କରିଥିଲା । ବନାଂଚଳ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ସର୍ଚ୍ଚ ୱାରେଂଟ ବଳରେ ବନପାଳ ଶ୍ରୀ ମୋହନ ଗୁଡ଼ିଆ ଏବଂ ଅନ୍ୟ କର୍ମଚାରୀ ତନଖି କରିଥିଲେ । ଶ୍ରୀ ମୋହଦ୍ଦିନ ଶରୀଫ୍ ରେଡରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସେ ତାଙ୍କ ଝିଅର ବାହାଘର ପାଇଁ ଏହି କାଠ ଗୁଡିକୁ କିଣି କରି ରଖିବା ପ୍ରକାଶ କରିଥିଲେ । ରେଡରେ ପ୍ରାୟ ୪୫ ଖଣ୍ଡ ଶିଶୁ ,ଟିକ୍ ଏବଂ ବୀଜା କାଠ ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨,୫୦,୦୦୦ ଟଙ୍କା ହେବ । ଜବତ କାଠ ସପକ୍ଷରେ ଶ୍ରୀ ମୋହଦ୍ଦିନ ଶରିଫ୍ କୌଣସି ବୈଧ କାଗଜ ପାତ୍ର ଦେଖାଇ ପାରି ନଥିଲେ । କାଠ ଗୁଡ଼ିକ ଜବତ ପରେ ବନାଂଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ବନରକ୍ଷୀ ଶ୍ରୀ ପ୍ରଶାନ୍ତ କୁମାର ରାଉତଙ୍କ ଜିମାରେ ରଖାଯାଇଛି । ଘଟଣା ର ଉତ୍ସ କୁ ପହଂଚିବା ନିମନ୍ତେ ବନ ବିଭାଗ ଏକ ଜଙ୍ଗଲ ମୋକଦମା ରୁଜୁ କରି ଅଧିକ ତଦନ୍ତ ଚାଲୁରଖିଛି । ଆଜି ରେଡରେ ବାଲିମେଳା ବନାଂଚଳର, ବନପାଳ ଶ୍ରୀ ମୋହନ ଗୁଡିଆ ଓ କୁମାରୀ ଜ୍ୟୋତି ଡୁଙ୍ଗଡୁଙ୍ଗ ଏବଂ ବନାଂଚଳର ସମସ୍ତ ବନରକ୍ଷୀ ଏବଂ ଜଙ୍ଗଲ ସୁରକ୍ଷା ସ୍କ୍ୱାଡ ଅଂଶ ଗ୍ରହଣ କରିଥିଲେ ।

# ଶହିଦ୍ ଯବାନ ସୁଶାନ୍ତ ଖୁଂଟିଆଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

କୋରାଇ, ୧୭/୦୭ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ବନ୍ଧାଲୋ ପଂଚାୟତର ଜୟ ମହାକାଳ ଫାଉଣ୍ଡେସନ ତରଫରୁ ଦେଶ ସେବାରେ ବଳିଦାନ ଦେଇଥିବା ବୀର ପୁତ୍ର ଶହିଦ୍ ଯବାନ ସୁଶାନ୍ତ ଖୁଂଟିଆଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସମସ୍ତ ସଦସ୍ୟ ସଦସ୍ୟାମାନେ ସହିଦଙ୍କ ବିରତ୍ୱର କାହାଣୀ ସହ ଭଗବାନଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦଗତିପାଇଁ ପ୍ରାର୍ଥନା କରିଥିଲେ । ପରେ ଏକ ଶୋଭାଯାତ୍ରାରେ ବାହାରି ଗାଁ ପରିଦର୍ଶନ କରାଯାଇ ସହିଦଙ୍କ ଜୟଗାନ ଜ୍ଞାପନ କରାଯାଇଥିଲା । ସ୍ଥାନୀୟ ଚୌଧୁରୀ ପାଟଣା ସ୍ଥିତ ମା' ଶୀତଳାଙ୍କ ପୀଠ ନିକଟରେ ଦୀପଦାନ ସହ ଶୋଭାଯାତ୍ରାରେ ବାହାରି ଗାଁ ମଝିରେ ଥିବା ପ୍ରସିଦ୍ଧ ଶନି ମନ୍ଦିର ନିକଟରେ ମଧ୍ୟ ଶ୍ରଦ୍ଧାଞ୍ଜଳୀ ସଭା କରାଯାଇଛି । ପରେ ସହିଦଙ୍କ ଉଦ୍ଦେଶ୍ୟରେ ଗାଁର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜୟ ମହାକାଳ ଫାଉଣ୍ଡେସନର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଲୋକେ ଏକାଠି ହୋଇ ହୋଇଥିଲେ । ଜୟ ମହାକାଳ ଫାଉଣ୍ଡେସନର ସଭାପତି ମନୋଜ କୁମାର ଦାସଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମଟିସଫଳ ହୋଇଥିବାବେଳେ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ଉପଦେଷ୍ଟା ଲୋକନାଥ ସେନାପତି ସମେତ ଅନ୍ୟ ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ ।

# ଏମ୍ସ ଭୁବନେଶ୍ୱର ପକ୍ଷରୁ ପୁଣ୍ୟତିଥିରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଏମ୍ସ ଭୁବନେଶ୍ୱର ପକ୍ଷରୁ ଏହାର ପ୍ରତିଷ୍ଠାତା ପୂର୍ବତନ ପ୍ରଧାନମନ୍ତ୍ରୀ, କିମ୍ବଦନ୍ତୀ ପୁରୁଷ, ବିଶିଷ୍ଟ ଜନନେତା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ତାଙ୍କ ପୁଣ୍ୟତିଥି ଅବସରରେ ବୁଧବାର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଶ୍ରୀ ବାଜପେୟୀଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ତାଙ୍କ ଅସୀମ ଦୂରଦୃଷ୍ଟି କାରଣରୁ ହିଁ ଏମ୍ସ ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଥିଲା । ଆଜି ଏମ୍ସ ଭୁବନେଶ୍ୱର ପୂର୍ବ ଭାରତର ଏକ ବିଶ୍ୱସନୀୟ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନରେ ପରିଣତ ହୋଇପାରିଛି । ଏହି ଜାତୀୟ ପ୍ରତିଷ୍ଠାନର ସମସ୍ତ ଅଧ୍ୟାପକ, ଡାକ୍ତର, ନର୍ସିଂ ଅଧିକାରୀ, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଏହାକୁ ଦେଶ ତଥା ବିଶ୍ୱର ଏକ ପ୍ରମୁଖ ଅନୁଷ୍ଠାନ ଭାବେ ପ୍ରତିଷ୍ଠା କରିବା ଏବଂ ଗରିବ ଅସହାୟ ଲୋକଙ୍କ ସେବା କରିବା ପାଇଁ ପ୍ରତିବଦ୍ଧ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି । ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ ଜେନା, ଡ. ପ୍ରଭାସ ରଂଜନ ତ୍ରିପାଠୀ, ଭାରପ୍ରାପ୍ତ ଡିଡିଏ ରଶ୍ମିରଂଜନ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜର ବିଭିନ୍ନ ବର୍ଗରୁ ଆସିଥିବା ପ୍ରମୁଖ ବ୍ୟକ୍ତିବିଶେଷ ଏମ୍ସ ପରିସରରେ ଥିବା ଶ୍ରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ପାରାଦୀପ ଫସଫେଟ୍ସ ଲିମିଟେଡରେ ୭୭ତମ ସ୍ୱାଧୀନତା ଦିବସ ପାଳିତ



ପାରାଦୀପ, ୧୭/୦୮ (ନି.ପ୍ର): ପାରାଦୀପ ଫସଫେଟ୍ସ ଲିମିଟେଡ ପକ୍ଷରୁ ପ୍ଲାଣ୍ଟ ସାଇଟ ଠାରେ ୭୭ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ପିପିଏଲର ମୁଖ୍ୟ ତଥା ସିଏମଓ ପ୍ରଣବ ଭଟ୍ଟାଚାର୍ଯ୍ୟ ଜାତୀୟ ପତାକା ଉତ୍ତୋଳନ କରି କମ୍ପାନୀର ଦ୍ୱିତୀୟ ଫସ୍ଫୋରିକ ଏସିଡ ୟୁନିଟ ଆରମ୍ଭ ଅବସରରେ ଶ୍ରୀ ଭଟ୍ଟାଚାର୍ଯ୍ୟ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପିପିଏଲ ପକ୍ଷରୁ ୪ ହଜାର ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଥିଲା। ଶେଷରେ କମ୍ପାନୀ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟ ସିକ୍ୟୁରୀଟି ମୁଖ୍ୟ ଅରୁଣକାନ୍ତି ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ପାରାଦୀପ ବନ୍ଦରରେ ୭୭ତମ ସ୍ୱାଧୀନତା ଦିବସ ପାଳିତ



ପାରାଦୀପ, ୧୭/୦୮ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ରେ ୭୭ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ବନ୍ଦରର ଅଧ୍ୟକ୍ଷ ପିଏଲ ହାରନାଦ ଅନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ଅନୁଷ୍ଠିତ ମିଳିତ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ। ଅଭିବାଦନ ଗ୍ରହଣ କରିବା ପରେ ବନ୍ଦରର ସଫଳତା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସୂଚନା ପ୍ରଦାନ କରିଥିଲେ ।ଏହି ଅବସରରେ ସ୍ଥାନୀୟ ଭୀମଭୋଇ କଲୋନି ସ୍ଥିତ ଏଷ୍ଟିପି-୩ ରେ ୭୫ ଟି ଚାରା ଲଗାଯାଇଥିଲା। ଏହାବ୍ୟତୀତ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ଏକ ଜିମ ଓ ଶୌଚାଳୟ କୁ ଉଦଘାଟନ କରିଥିଲେ ଅଧ୍ୟକ୍ଷ ଶ୍ରୀ ହାରନାଦ। ଗେଟ ନମ୍ବର ୪ ଓ ଅଫିସରସ କ୍ଲବ ରେ ଗାଡି ପର୍କିଙ୍ଗ ର ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟାରେ ବିଜୁ କନଭେନ୍ସନ ହଲର ଆୟୋଜିତ ସଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରୀ ହାରନାଦ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ।

# କଷାଫଳ ହାଇସ୍କୁଲରେ ୭୭ ତମ ସ୍ୱାଧୀନତା ଦିବସ ପାଳିତ




ଲଙ୍ଗଳେଶ୍ୱର , ୧୭/୦୮ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଭିମଚରଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଅଧ୍ୟାପକ ପ୍ରଭାକର ଦ୍ୱିଆରୀ ଯୋଗଦେଇ ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଗୌରଗୋପାଳ ମଣ୍ଡଳ, ଉପସଭାପତି ପ୍ରତିମା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନିରଞ୍ଜନ ମାଝୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଏ -୧ ଜଗନ୍ନାଥ ଦାସ, ପଙ୍କଜ ମଣ୍ଡଳ, ଅବିନାଶ ମଣ୍ଡଳ, ଅଭିଜିତ ମଣ୍ଡଳ, ପ୍ରିୟଙ୍କା ଜେନା, ନିଟ୍ ପରୀକ୍ଷା ରେ ସଫଳତା ହାସଲ ପାଇଥିବା ରାଜେନ୍ଦ୍ର କୁମାର ସାହୁ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ନିମାଇଁ ମାଝୀ, ଘନଶ୍ୟାମ ମାଝୀ, ନିର୍ମଳା ଜେନା,ମିତା ରାଣୀ ଦାସ, ସୁଶାନ୍ତ କୁମାର ସାହୁ, ବିଶ୍ୱଜିତ ସିଂ, ପ୍ରଦୀପ କୁମାର ,ବିଶ୍ୱପ୍ରକାଶା ଦାସ, ମାନସୀ ମହାପାତ୍ର, ସଞ୍ଜୟ କୁମାର ମଣ୍ଡଳ, ଖଗେନ୍ଦ୍ର କୁମାର ପାତ୍ର,ଅମର ଦାସ, କହ୍ନେଇ ଚରଣ ଖଟୁଆ, ଝୁନା ରାଣୀ ମାଝୀ ପ୍ରମୁଖ ପରିଚାଳନା କରିଥିଲେ।

# ଔପନିବେଶବାଦ ମାନସିକତାରୁ ମୁକୁଳିବାକୁ ଆହ୍ୱାନ କଲେ କେନ୍ଦ୍ର ଅର୍ଥ ମନ୍ତ୍ରୀ

ଭୁବନେଶ୍ୱର, ୧୭/୦୮ (ନି.ପ୍ର): କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଶିକ୍ଷାର୍ଥୀ ମାନଙ୍କୁ ଔପନିବେଶବାଦ ମାନସିକତାରୁ ମୁକୁଳିବାକୁ ଆହ୍ୱାନ ଜଣାଇଛନ୍ତି । ସେ ପେଣ୍ଠକଟା ନିକଟ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ ଆୟୋଜିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଞ୍ଚ ପ୍ରାଣମନ୍ତ୍ର ଶପଥ ଗ୍ରହଣ କରିଥିଲେ। ତାଙ୍କ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡାକ୍ତର ସମ୍ବିତ ପାତ୍ର, ବହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଶିକ୍ଷାର୍ଥୀମାନଙ୍କୁ କହିଛନ୍ତି, ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଓ ଆତ୍ମନିର୍ଭରଶୀଳ କରାନ୍ତୁ। ଔପନିବେଶବାଦ ମାନସିକତାରୁ ମୁକୁଳି ଆସନ୍ତୁ। ଆମର ଐତିହ୍ୟ, ପରମ୍ପରାକୁ ନେଇ ଉତ୍ସବ ମନାନ୍ତୁ। ଦେଶର ସୁରକ୍ଷା ପାଇଁ ଏକତାକୁ ଦୃଢ କରନ୍ତୁ। ଜଣେ ସଚ୍ଚା ନାଗରିକର କର୍ତ୍ତବ୍ୟ ପାଳନ କରନ୍ତୁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ....

ଓଡ଼ିଶା ସରକାରଙ୍କ ପାଇଁ ଆଡଭୋକେଟ୍ ଅନ୍ ରେକର୍ଡ ଅଛନ୍ତି । ତାଙ୍କର ଭଲ ଅଭିଜ୍ଞତା ଓ ପ୍ରାକ୍ଟିସ ରହିଛି । ଯାହାକି ତାଙ୍କର ପେଷାଦାର ଆୟରେ ପ୍ରତିଫଳିତ ହେଉଛି । ଏହାକୁ ଦୃଷ୍ଟିରେ ରଖି କଲେଜିୟମ ଶ୍ରୀ ମିଶ୍ର ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ଉପଯୁକ୍ତ ବୋଲି ସୁପାରିଶ କରିଛନ୍ତି । ସେହିପରି ଜୁଡିସିଆଲ ଅଫିସର ଶ୍ରୀ ବେହେରା ଏବେ ଗଞ୍ଜାମ ଜିଲ୍ଲା ଓ ସେସନ୍ ଜଜ୍ ଭାବେ କାର୍ଯ୍ୟ କରୁଛନ୍ତି । ବାଲେଶ୍ୱରରେ ଜନ୍ମିତ ଶ୍ରୀ ବେହେରା ୨୦୨୪ ମେ' ମାସରେ ସରକାରୀ ଚାକିରିରୁ ଅବସର ନେଇଥାନ୍ତେ । ତେବେ ହାଇକୋର୍ଟ କଲେଜିୟମ ଅନ୍ୟ କାହାରି ନାଁ ପଠାଇନଥିବାରୁ ସୁପ୍ରିମକୋର୍ଟ କଲେଜିୟମ ତାଙ୍କ ନାଁରେ ସହମତି ଦେଇଛନ୍ତି । ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ , ଜଷ୍ଟିସ ସଞ୍ଜୟ କିଷାନ କୌଲ ଓ ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ ଆଜି ଏହି ସୁପାରିଶ କରିଛନ୍ତି । ସୂଚନାଯୋଗ୍ୟ, ଅଗଷ୍ଟ ୧ ତାରିଖ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ମୋଟ ସ୍ୱୀକୃତିପ୍ରାପ୍ତ ୩୩ଜଣ ବିଚାରପତିଙ୍କ ମଧ୍ୟରୁ ୨୧ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି ।

## ଶକ୍ତି ବିଭାଗକୁ ବିଜୁଳି ....

ଆୟୋଜନ କରି ବିଜୁଳି ବଞ୍ଚାଇବା ପାଇଁ ସଚେତନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗର ଏଭଳି ନିଷ୍ପତ୍ତିକୁ ନେଇ ଉଠିଛି ପ୍ରଶ୍ନ। କାହିଁକି ନା- ଓଡ଼ିଶା ହେଉଛି ବିଜୁଳି ବଳକା ରାଜ୍ୟ। ତଥାପି କାହିଁକି ଶକ୍ତି ବିଭାଗକୁ ଘାରିଲା ସରକାରୀ କାର୍ଯ୍ୟାଳୟରେ ବିଜୁଳି ବଞ୍ଚାଇବା ଚିନ୍ତା। ଆଉ ମାତ୍ର ୫ ବର୍ଷର ଫ୍ୟାନ, ଏସି ଖୋଲି ନୂଆ ଲାଗିଲେ କେତେ ବିଜୁଳି ବଞ୍ଚାଇ ପାରିବ ଶକ୍ତି ବିଭାଗ ? ତେଣୁ ନିଷ୍ପତ୍ତି ପଛରେ ଦୁର୍ନୀତିର ଗନ୍ଧ ବାରିଛନ୍ତି ବିରୋଧୀ। ବିଜେପିର ଆଶଙ୍କା କୋଟି କୋଟି ଟଙ୍କାର କିକ୍? ବ୍ୟାକ୍ ହେବ। ଆଉ କଂଗ୍ରେସ ଅଭିଯୋଗ କରିଛି, ସରକାରୀ ଅଧିକାରୀ ହାତ ଚିକ୍କଣ କରିବାକୁ ଏହି ଯୋଜନା। ଶକ୍ତି ମନ୍ତ୍ରୀଙ୍କ ଯୁକ୍ତି କେବଳ ଏହି ଗୋଟିଏ ନୁହେଁ, ବିଜୁଳି ବଞ୍ଚାଇବା ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବଡ଼ କଥା ହେଉଛି ବିଜୁଳି ବଞ୍ଚାଇବା ପାଇଁ ୨୦୨୨ରେ ସୌର ଶକ୍ତିକୁ ପ୍ରୋସାହନ ଦେବା ପାଇଁ ହିତାଧିକାରୀକୁ ସବ୍‌ସିଡି ଘୋଷଣା କରିଥିଲେ ସରକାର। କିନ୍ତୁ ଏବେ ମଧ୍ୟ ଏକ ପ୍ରକାର ଏହି ଘୋଷଣା ଘୋଷଣାରେ ରହିଛି। ତେବେ ଏଠି ପ୍ରଶ୍ନ ଉଠୁଛି ସରକାର ସତରେ କ'ଣ ବିଜୁଳି ବଞ୍ଚାଇବା ପାଇଁ ଏମିତି ନିଷ୍ପତ୍ତି ନେଇଛନ୍ତି ନା ରହିଛି ଆଉ କିଛି ଉଦ୍ଦେଶ୍ୟ।

## ଆହୁରି ଦୁଇ ଦିନ ....

ସେହିପରି ଗଜପତି, ଗଞ୍ଜାମ, ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ। ସାମୟିକ ଭାବେ ତଳିଆ ଅଞ୍ଚଳରେ ପାଣି ଜମିବା ସମ୍ଭାବନା ରହିଛି। ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଚାଷୀଙ୍କୁ ମରାମର୍ଶ ଦିଆଯାଇଛି। ପାହାଡ଼ିଆରେ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି।

## ଟାଇମ୍ସ ନାଓ-ଇଟିଜି ....

ଏନଡିଏ କିମ୍ବା ଇଣ୍ଡିଆରେ ନଥିବା ୱାଇଏସ୍‌ଆର କଂଗ୍ରେସ ଆନ୍ଧ୍ରପ୍ରଦେଶରେ ୨୪ରୁ ୨୫ଟି ଓ ଓଡ଼ିଶାରେ ବିଜେଡି ୧୨ରୁ ୧୪ଟି ଲୋକସଭା ଆସନ ଦଖଲ କରିବ। ସେହିପରି ଅନ୍ୟାନ୍ୟ ଦଳ ୧୧ରୁ ୧୪ଟି ସ୍ଥାନରେ ଜିତି ପାରନ୍ତି। ସର୍ଭେରେ ଆହୁରି କୁହାଯାଇଛି ଯେ ଏନଡିଏ କ୍ଷମତାକୁ ଫେରିବାର ସମ୍ଭାବନା ଥିଲେ ହେଁ ୨୦୧୯ ଅପେକ୍ଷା ମେଣ୍ଟର ଆସନ ସଂଖ୍ୟା କମିବ। ୨୦୧୯ରେ ଏନଡିଏ ୩୫୩ଟି ଆସନ ଜିତିଥିଲା। ହେଲେ ଏଥର ଏହା ୩୩୦ ମଧ୍ୟରେ ସୀମିତ ରହିବ। ତଥାପି ଏନଡିଏ ସରକାର ଗଠନ କରିବାକୁ ସକ୍ଷମ ହେବ।

## ଇସ୍ରୋ ମୁନ୍ ମିଶନକୁ ....

ଜୁଲାଇ ୧୪ ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଖଠଗ୩ ରକେଟ୍ ଦ୍ୱାରା ଚନ୍ଦ୍ରଯାନ-୩ ମହାକାଶକୁ ଉତକ୍ଷେପଣ କରାଯାଇଥିଲା। ଏହି ମିଶନକୁ ନେଇ ଖୁବ୍ ଆଶାବାଦୀ ରହିଛି ଇସ୍ରୋ। କାରଣ ପୂର୍ବରୁ ଇସ୍ରୋର ମୁନ୍ ମିଶନ୍ ଦୁଇ ଦୁଇ ଥର ବିଫଳ ହୋଇଯାଇଛି। ଚନ୍ଦ୍ରଯାନ-୩ ରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିଛି ଇସ୍ରୋ। ଯଦି ଲ୍ୟାଣ୍ଡର ବିକ୍ରମ ସଫଳତା ପୂର୍ବକ ଅବତରଣ କରେ ତେବେ ଭାରତ ଚନ୍ଦ୍ରପୃଷ୍ଠରେ ପାଦ ଥାପିବାରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହୋଇଯିବ।

# ଝାଡଖଣ୍ଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ଝାଡଖଣ୍ଡ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଅଜୟ ସିଂ ଓଡିଶା ଗସ୍ତରେ ଆସି ରାଜ୍ୟ ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପରିଦର୍ଶନ କରିଛନ୍ତି । ଶ୍ରୀ ସିଂ ବିଭାଗ ସମ୍ବନ୍ଧୀୟ କାର୍ଯ୍ୟଶୈଳୀ ସଂପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଉପଲକ୍ଷେ ଗୁରୁବାର ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଝାଡଖଣ୍ଡ ରାଜ୍ୟର ତାଙ୍କ ପ୍ରତିପକ୍ଷଙ୍କୁ ସ୍ୱାଗତ କରିବା ସହ ଓଡିଶାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରୂପରେଖ, ପ୍ରଣିତ ହେଉଥିବା ବିଭିନ୍ନ ଯୋଜନା ଏବଂ ଓଡିଶାରେ ଗ୍ରାମାଂଚଳର ବିକାଶ କ୍ଷେତ୍ରରେ ଏହାର ସଫଳ ରୂପାୟନ ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବିଭାଗର କାର୍ଯ୍ୟଧାରା ଦ୍ୱାରା ଓଡିଶାରେ ପ୍ରଶାସନ ଲୋକାଭିମୁଖୀ ହେବା ସହ ବିଭାଗ ଗ୍ରାମୀଣ ଭିତିଭୂମି ମଜଭୁତ କରିବାରେ ସହାୟକ ହୋଇ ପାରିଛି ବୋଲି ଶ୍ରୀ ସିଂ ଝାଡଖଣ୍ଡ ସଚିବଙ୍କୁ କହିଥିଲେ ।

# ଅମର୍ଦ୍ଦାରୋଡ ସିଦ୍ଧେଶ୍ୱର କଲେଜ ମୁଖ୍ୟଗେଟରେ ସୂଚନା ଫଳକରେ ତ୍ରୁଟିକୁ ନେଇ ଅସନ୍ତୋଷ




ଅମର୍ଦ୍ଦାରୋଡ , ୧୭/୦୮ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦ୍ଦାରୋଡ ନଟାକଟା ପଞ୍ଚାୟତ ସ୍ଥିତ ସିଦ୍ଧେଶ୍ୱର କଲେଜର ମୁଖ୍ୟାଫାଟକ ଠାରେ ଓଡ଼ିଆ ଭାଷାରେ ଲିଖିତ ସୂଚନା ଫଳକରେ ତ୍ରୁଟି ପରିଲକ୍ଷିତ ହୋଇଛି ।ଓଡ଼ିଆ ଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ବେଳେ ଏପରି ବ୍ୟତିକ୍ରମ ଉପହାସ ସଦୃଶ୍ୟ ହୋଇଛି। ମୁଖ୍ୟ ଫାଟକ ସୂଚନା ଫଳକରେ ଅମର୍ଦ୍ଦାରୋଡ ପରିବର୍ତ୍ତେ ଅମର୍ଦ୍ଧା ରୋଡ ଲେଖାଯାଇଛି। ଦୈନିକ କଲେଜର ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରଛାତ୍ରୀ ଓ କର୍ମଚାରୀ ଯାଉଥିବା ବି କିଭଳି ଏଭଳି ତ୍ରୁଟିକୁ ସୁଧାରିବା ଦିଗରେ ଗୁରୁତ୍ୱ ଦିଆଯାଉନାହିଁ ତାହା ପରିତାପର ବିଷୟ ବୋଲି ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଯେ ଶିକ୍ଷା ବିଭାଗକୁ ମଣିଷ ତିଆରି କରିବା କାରଖାନା କୁହାଯାଉଥିବା ବେଳେ ମଣିଷ ତିଆରି କରୁଥିବା ଅଧ୍ୟାପକ, ପ୍ରାଧ୍ୟାପକ ଓ ଡକ୍ଟରେଟ ଉପାଧି ପାଇଥିବା ପ୍ରଫେସର ମାନଙ୍କ ତ୍ରୁଟି ଉପରେ ଦୃଷ୍ଟି ନପଡ଼ିବ ଦୁଃଖ ଓ ପରିତାପର ବିଷୟ। ଯଦି ଶିକ୍ଷା ବିଭାଗରେ ଏପରି ଭୁଲ କରନ୍ତି ତେବେ ଛାତ୍ର ଛାତ୍ରୀ ଙ୍କୁ କିପରି ଶିକ୍ଷାଦାନ କରୁଥିବେ ? କଲେଜ କର୍ତ୍ତୃପକ୍ଷ ଏହାର ସଂଶୋଧନ କରି ଅମର୍ଦ୍ଧାରୋଡ ପରିବର୍ତ୍ତେ ଅମର୍ଦ୍ଦାରୋଡ ଲେଖିବାକୁ ଦାବି ହେଉଛି।

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୧୨୮ ତମ ବୈଠକ

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୧୨୮ ତମ ବୈଠକ ମୁଖ୍ୟ ଶାସନ ସଚିବ ତଥା ବୋର୍ଡର ଅଧକ୍ଷଙ୍କ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗତ ଫେବୃଆରୀ ୧୩ ତାରିଖରେ ଅନୁଷ୍ଠିତ ବୋର୍ଡର ନିଷ୍ପତି କାର୍ଯ୍ୟକାରିତା ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ବୋର୍ଡର ଆୟ ବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା । ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶ ପରିଚାଳନା ସଂପର୍କରେ ରାଜ୍ୟ ପ୍ରଦୂଷଣ ବୋର୍ଡ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ବୋର୍ଡର ସଦସ୍ୟ ସଚିବ ଡଃ. କେ. ମୁରୁଗେସନ ଉପସ୍ଥାପନ କରିଥିଲେ। ରାଜ୍ୟରେ ବିଭିନ୍ନ ସ୍ଥାନରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ପ୍ରଦୂଷଣ ଓ ସେସବୁର ନିରାକରଣ ପାଇଁ କେଉଁ କେଉଁ ପ୍ରସଙ୍ଗରେ କି କି ଆବଶ୍ୟକ ତଥ୍ୟ ଭିତିକ ଗବେଷଣାର ଆବଶ୍ୟକତା ରହିଛି ସେ ସଂପର୍କରେ ପଦକ୍ଷେପ ନେବାକୁ ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ଶିଳ୍ପ କାରଖାନାରୁ ହେଉଥିବା ପ୍ରଦୂଷଣ, ବର୍ଜ୍ୟବସ୍ତୁ ଓ ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ଜନିତ ପ୍ରଦୂଷଣକୁ ଦୂର କରିବା ପାଇଁ ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା ଯେଉଁସବୁ ପ୍ରଦୂଷଣ ନିୟନ୍ତ୍ରଣକାରୀ ଆଧୁନିକ ଯନ୍ତ୍ରପାତି ଉତ୍ପାଦନ ଓ ବ୍ୟବହାର କରାଯାଉଛି, ସେସବୁର ଏକ କର୍ମଶାଳା ଓ ପ୍ରଦର୍ଶନର ଆୟୋଜନ କରାଯିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଆଗକୁ ପିକନିକ୍ ଋତୁ ଆସୁଥିବାରୁ ପଲିଥିନ୍ ଆଦିର ବ୍ୟବହାର ନିୟନ୍ତ୍ରଣ ଓ ବର୍ଜ୍ୟବସ୍ତୁ ପରିଚାଳନା କରି ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗ ପାଇଁ ପ୍ରଦୂଷଣ କଂଟ୍ରୋଲ ବୋର୍ଡକୁ ପୂର୍ବରୁ ବିଭିନ୍ନ ଯୋଜନା ପ୍ରସ୍ତୁତି ଓ ସଚେତନତା କାର୍ଯ୍ୟକ୍ରମ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ବିଜୟ ଅମୃତା କୁଲାଙ୍ଗେ, ଶ୍ରମ କମିଶନର ଏନ୍.ଥିରୁମାଲା ନାୟକ, ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ମ୍ୟୁନିସିପାଲିଟି ପ୍ରମୁଖ ବୋର୍ଡର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ



ପାରାଦୀପ, ୧୭/୦୮ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ ପକ୍ଷରୁ କମ୍ପାନୀ କାର୍ଯ୍ୟାଳୟ ପରିସରରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ କେଜେ ପଟେଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜ୍ୟୋତି ମହିଳା କ୍ଲବ ଓ ଡିଏଭି ସ୍କୁଲ ଛାତ୍ରଛାତ୍ରୀ ଙ୍କ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ଏଥିରେ ଇଫକୋ ୟୁନିଟ ର ସମସ୍ତ କର୍ମଚାରୀ, ଇଫକୋ ଅଫିସର୍ସ ସଙ୍ଘ, ଇଫକୋ କର୍ମଚାରୀ ସଂଘର କର୍ମକର୍ତ୍ତା ଓ ଡିଏଭି ସ୍କୁଲ ର ସମସ୍ତ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଇଫକୋ ଅଫିସର୍ସ ସଂଘର ସାଧାରଣ ସମ୍ପାଦକ ସୁବାସୀଷ ମିଶ୍ର, ଇଫକୋ କର୍ମଚାରୀ ସଂଘର ସଭାପତି ତୁଷାର ରଞ୍ଜନ ସାମନ୍ତରାୟ ଓ ସାଧାରଣ ସମ୍ପାଦକ ରାକେଶ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ ।ଇଫକୋ ର ଜେଜିଏମ (ପିଆଣ୍ଡଏ) କେ ମୋହନ ରାଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଯମୁନାଶୋଳ ପାନ୍ଥନିବାସରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଲଙ୍ଗଳେଶ୍ୱର ୧୭/୮(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଯମୁନାଶୋଳ ପାନ୍ଥନିବାସ ପରିସରରେ ଆଜି ସାଇ ସବୁରୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଡାକ୍ତର ବିନ୍ଦୁ ଶ୍ରୀ ମହନ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ, ପ୍ରଜ୍ଞା ସିଦ୍ଧାନ୍ତ ମେଡିସିନ ବିଶେଷଜ୍ଞମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। କାର୍ତ୍ତିକ ପାତ୍ର, ଗଣେଶ ପାତ୍ର, ବାସୁଦେବ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଗୌତମ ବାରିକ,ବାବୁଧର ଖିଲାର, ପ୍ରମୁଖ ପରିଚାଳନା କରିଥିଲେ। ଏହି ଶିବିରରେ ୨୧୮ ଜଣ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ ଏଥିମଧ୍ୟରୁ ୧୮ ଜଣ ଙ୍କୁ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା




ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ 'ସାଗରିକାର ଅଗଷ୍ଟ ସଂଖ୍ୟା ଅତିଥିମାନଙ୍କର ଦ୍ୱାରା ଉନ୍ମୋଚିତ।

# ପ୍ରାଚୀରପତ୍ର ସାହିତ୍ୟ ପତ୍ରିକା 'ସହୋଦର ସାହିତ୍ୟାୟନ' ପାଠକାର୍ପିତ



ଭଦ୍ରକ, ୧୭/୦୮ (ନି.ପ୍ର): ଭଦ୍ରକ ନୂଆବଜାର ପୋଷ୍ଟ ଅଫିସ ଛକ ସ୍ଥିତ ଋତୁରାଜ ଟିଷ୍ଟଲ ଠାରେ ପ୍ରାଚୀରପତ୍ର ସାହିତ୍ୟ ପତ୍ରିକା 'ସହୋଦର ସାହିତ୍ୟାୟନ'ର ୭ମ ସଂସ୍କରଣ ପାଠକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ବ୍ୟଙ୍ଗ କବି ବିଜୟ କୁମାର ବହଳୀ ଏହାକୁ ଲୋକର୍ପଣ କରିଥିଲେ। ଉତ୍ସବର ପ୍ରାରମ୍ଭରେ ପୋଷ୍ଟ ଅଫିସ୍ ଛକର ଲୋକପ୍ରିୟ ଦୋକାନୀ ମଧୁସୂଦନ ରାଉତଙ୍କ ବିୟୋଗ ଜନିତ ନୀରବ ପ୍ରାର୍ଥନା କରାଯାଇଥିଲା। ପତ୍ରିକାର ଲୋକାର୍ପଣ କରି ଏହି ପ୍ରାଚୀରପତ୍ର ବହୁଳ ଲୋକପ୍ରିୟତା ଅର୍ଜନ କରିଥିବାରୁ ଏହାର କଳେବର ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଯାହା ଦ୍ୱାରା ବହୁ ନବ ପ୍ରତିଭାଙ୍କର ସାହିତ୍ୟ କୃତିର ପ୍ରତିଫଳନ ଘଟିବ। ଏହା ଏବେ ଆଉ ଭଦ୍ରକ ଜିଲ୍ଲାରେ ସୀମିତ ନରହି ପଡ଼ୋଶୀ ବାଲେଶ୍ୱର, କେଉଁଝର, ଯାଜପୁର ଜିଲ୍ଲାରୁ ଲେଖାମାନ ଆସୁଥିବାରୁ ଶ୍ରୀଯୁକ୍ତ ବହଳୀ ସାହିତ୍ୟିକଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟତମ ଅତିଥି କବି ଡ. ଅବନୀ କୁମାର ପ୍ରଧାନ, କବୀ ଗୀତାରାଣୀ ଆଇଚ, ବିଜୟ ଜେନା ବକ୍ତବ୍ୟରେ ପଥପ୍ରାନ୍ତ ନାଟକ ସଦୃଶ ଏହି ପ୍ରାଚୀରପତ୍ର ସାହିତ୍ୟ ଏକ ଆଲୋଡ଼ନ ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳା ସମ୍ପାଦକ ଚୂଡାମଣି ଦାସ, ସମାଜସେବୀ ଅଜୟ ନାୟକ, ଅଧିବକ୍ତା ଗଦାଧର ବଳ, ସାମ୍ବାଦିକ ତପନ କୁମାର ମିଶ୍ର, ରୂପକ ରାୟ, ବସନ୍ତ କୁମାର ପାତ୍ର, କିଶୋର ପାଣିଗ୍ରାହୀ, ନିର୍ମଳ ରାଉତ, ଦମୟନ୍ତୀ ରାଉତ, ଦ୍ୱିତିକୃଷ୍ଣ ରାଉତ, ଲଲାଟେନ୍ଦୁ ମହାନ୍ତି, ମୋନାଲିସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଂଖ୍ୟାରେ ଡ. ବ୍ରଜମୋହନ ମିଶ୍ର, କବି ହୃଦାନନ୍ଦ ପାଣିଗ୍ରାହୀ, ଇଂ ଅଭୟ ସୂତାର, ମନୋରଂଜନ ମୁଦୁଲି, ସରୋଜିନୀ ନାୟକ, ବିଚିତ୍ରାନନ୍ଦ ଜେନା ପ୍ରମୁଖଙ୍କ ସାହିତ୍ୟକୃତି ସ୍ଥାନ ପାଇଥିବାରୁ ସେମାନଙ୍କୁ ପ୍ରକାଶକ ଅଶୋକ କୁମାର ନାୟକ ଏବଂ ସମ୍ପାଦିକା ସୁଜାତା ରାଉତ କୃତଜ୍ଞତା ଜଣାଇଥିଲେ। ସହ ସମ୍ପାଦକ ଋତୁରାଜ ଅକ୍ଷୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶା ନିବାରଣ ଅଭିଯାନ ତରଫରୁ ବିଡ଼ିଓଙ୍କୁ ଦାବିପତ୍ର



ଲଙ୍ଗଳେଶ୍ୱର ୧୭/୮ (ନିପ୍ର): ଓଡିଶାରେ ନିଶା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି କ୍ଷ ଆଉ ଏହାକୁ ରାଜ୍ୟ ସରକାର କମାଇବା ପାଇଁ ନିଷ୍ପତି ନେବା ପରିବର୍ତ୍ତେ ନିଜର ରାଜସ୍ୱ ବଢାଇବାର ଲକ୍ଷ୍ୟ ନେଇ ଗାଁ ଗାଁ ରେ ମଦ ଦୋକାନ ଖୋଲିଛନ୍ତି । ଫଳରେ ଗରିବ ଓ ମଧ୍ୟବିତ୍ତ ପରିବାରରେ ବହୁ ଅଶାନ୍ତି ଏବଂ ଝଗଡା ଦେଖିବାକୁ ମିଳୁଛି । ଅଧିକାଂଶ ଦିନ ମଜୁରିଆ ନିଶା ଅଭ୍ୟାସ ଯୋଗୁଁ କାମ କରିସାରି ଘରକୁ ଫେରିବା ସମୟରେ ନିଶାସକ୍ତ ହୋଇ ଘରକୁ ଫେରି ମହିଳା ମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ପରିବାରରେ ମହିଳା କିମ୍ବା ପୁରୁଷ ମାନଙ୍କର ନିଶକ୍ତ ଅଭ୍ୟାସ ଯୋଗୁଁ ପିଲାମାନଙ୍କ ଭବିଷ୍ୟତ ଗଠନ ଉପରେ ମଧ ପ୍ରଭାବ ପଡୁଛି ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି । ତେବେ ନିଶା ବ୍ୟବସାୟକୁ କମାଇବା ଏବଂ ଗ୍ରାମାଞ୍ଚଳରେ ଥିବା ମଦ ଦୋକାନକୁ ବନ୍ଦ କରିବା ପାଇଁ ଆଜି ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ତରଫରୁ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ବାଲିକୁଟି ସରପଞ୍ଚ ଯଶୋଦାମଣି ଧଳ, ବାଲିକୁଟି ମିଶନ ଶକ୍ତି ଜିପିଏଲଏଫ୍ ର ସମ୍ପାଦିକା ତପସ୍ୱିନୀ କର, ରାଜେନ୍ଦ୍ର ଧଳ, କମଳ ଲୋଚନ ଦେ, ପିତାମ୍ବର ଭୂୟାଁ ,ବ୍ରଜକେଶରୀ ପାଳ, ମଞ୍ଜୁଲତା କର,ହେମନ୍ତ ଜେନା, ସରୋଜ କୁମାର ଜେନା, ଝରଣା ରାଉତ, ପ୍ରମୁଖ ଉପସ୍ଥିତ ଥିଲେ।

# ମାହାଙ୍ଗା ନାବାଳିକା ମୃତ୍ୟୁ ଘଟଣାରେ ଶରତ ନାୟକ ବିଜେଡିରୁ ସସପେଣ୍ଡ

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ମାହାଙ୍ଗା ନାବାଳିକା ମୃତ୍ୟୁ ଘଟଣାରେ ଶରତ ନାୟକଙ୍କୁ ବିଜୁ ଜନତା ଦଳ ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି । କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ତାଙ୍କୁ ନିଲମ୍ବନ କରିଛନ୍ତି। ଶରତ ପୂର୍ବରୁ ମାହାଙ୍ଗା ପଂଚାୟତ ସମିତି ଅଧକ୍ଷ ଥିଲେ। ସୂଚନାଯୋଗ୍ୟ ଯେ ମାହାଙ୍ଗା ନାବାଳିକା ମୃତ୍ୟୁ ଘଟଣା ନେଇ ଶରତଙ୍କର ଏକ ଅଡିଓ ଭାଇରାଲ ହୋଇଛି। ଏହି ମାମଲାର ସନ୍ଦିଗ୍ଧ ଖେଳ ଶିକ୍ଷକଙ୍କ ମା'ଙ୍କ ସହ ତାଙ୍କର କଥାବାର୍ତା ଭାଇରାଲ ହୋଇଛି। ଅଡିଓରେ ମାମଲା ରଫାଦଫା ପାଇଁ ସେ ୭୦ ହଜାର ମାଗୁଥିବା ଶୁଣିବାକୁ ମିଳିଛି। ଘଟଣାରେ ଗୋକନ ହାଇସ୍କୁଲ୍ କ୍ରୀଡ଼ା ଶିକ୍ଷକ ଓ ତାଙ୍କ ମା'ଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି ପୋଲିସ୍।ମୃତ ଛାତ୍ରୀଙ୍କ ସହ ସଂପୃକ୍ତ କ୍ରୀଡ଼ା ଶିକ୍ଷକଙ୍କର ପ୍ରେମ ସଂପର୍କ ଥିଲା। ମାହାଙ୍ଗାର ନିଲମ୍ବିତ ବିଜେଡି ନେତା ଶରତ ନାୟକ ଏବଂ କ୍ରୀଡ଼ା ଶିକ୍ଷକଙ୍କ ମା'ଙ୍କ ମଧ୍ୟରେ ହୋଇଥିବା ବାର୍ତାଳାପ ରହିଛି ସେହି ଅଡିଓରେ। ଯେଉଁଥିରେ ବିନା ପୋଷ୍ଟମର୍ଟମରେ ମୃତଦେହକୁ ପୋଡ଼ିବା, ଅର୍ଦ୍ଧଦଗ୍ଧ ଶରୀର ଓ ପାଉଁଶକୁ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ନଦୀରେ ଭସାଇଦେବା ଏବଂ ମାମଲାର ରଫାଦଫା ପାଇଁ ୭୦ ହଜାର ଟଙ୍କାର ଡିଲ୍ କଥା ରହିଛି।

ଏହି ଘଟଣାକୁ ନେଇ ନିଜ ଆଡୁ ମାମଲା ରୁଜୁ କରିଛନ୍ତି ରାଜ୍ୟ ମହିଳା କମିଶନ। ମହିଳା କମିଶନ ୧୫ ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଗ୍ରାମାଂଚଳ ଏସପିଙ୍କୁ ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଶିଶୁ ଅଧିକାର ସୁରକ୍ଷା ଆୟୋଗ।

# ରେଳରାସ୍ତା ନିର୍ମାଣ ଲାଗି ରେଳ ଚଳାଚଳ ବ୍ୟାହତ : ଯାତ୍ରୀ ଅସନ୍ତୋଷ

ଜଳେଶ୍ୱର , ୧୭/୦୮ (ନି.ପ୍ର): ହାଓଡାରୁ ଖୋର୍ଦ୍ଧା ମଧ୍ୟରେ ରେଳ ରାସ୍ତା ନିର୍ମାଣ କାର୍ଯ୍ୟଲାଗି ରେଳ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି । ଆସନ୍ତା କାଲିଠାରୁ ହାଓଡା-ଖୋର୍ଦ୍ଧା ମଧ୍ୟରେ ୧୧ ଯୋଡା ରେଳ ଚଳାଚଳ ବନ୍ଦ ରହିବ ବୋଲି ରେଳବାଇ ସୂତ୍ରରୁ ଜଣାଯାଇଛି । ସାଲିମାର-ପୁରୀ ଧଉଳି ୧୭ତାରିଖରୁ ୧୯ ତାରିଖ, ଖଡଗପୁର-ଖୋର୍ଦ୍ଧା ପାସେଞ୍ଜର ୧୭ରୁ ୨୯ ତାରିଖ, ଖଡଗପୁର-ଭିଲୁପୁରମ୍ ୧୫, ୧୭, ୨୨, ୨୪ ତାରିଖ, ପୁରୁଲିଆ-ଭିଲୁପୁରମ୍, ସାଲିମାର-ସିକନ୍ଦରାବାଦ, ସାନ୍ତାଗାଛି-ତିରୁପତି, ଦୀଘା-ବିଶାଖାପାଟଣା, ପୁରୀ-ଦିଘା, ସାଲିମାର-ଭଂଜପୁର, ବାଲେଶ୍ୱର-ଭୁବନେଶ୍ୱର ମେମୋ, ଜଳେଶ୍ୱର ପୁରୀ ମେମୋ ଟ୍ରେନ ଆଜିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବନ୍ଦ ରିବହ ବୋଲି ଖଡଗପୁର ରେଳଡିଭିଜନ୍ ସୂତ୍ରରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଭୁବନେଶ୍ୱର, ମଂଚେଶ୍ୱର, ହରିଦାସପୁର, ଧାନ ମଣ୍ଡଳରେ ୩ୟ ଲାଇନ୍ କାର୍ଯ୍ୟ ଜୋରଦାର ଚାଲିଥିବାରୁ ଉପରୋକ୍ତ ଟ୍ରେନ ଗୁଡିକ ଯାତାୟାତ କରିବ ନାହିଁବୋଲି କୁହାଯାଇଛି ।

# କଳାହାଣ୍ଡିରେ ବିଭିନ୍ନ କୃଷି ପ୍ରକଳ୍ପ ବୁଲି ଦେଖିଲେ କୃଷି ମନ୍ତ୍ରୀ

ଭୁବନେଶ୍ୱର, ୧୭/୦୮ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି କଳାହାଣ୍ଡି ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ କୃଷି ତଥା ଉନ୍ନୟନମୂଳକ ପ୍ରକଳ୍ପର ତଦାରଖ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଥମେ ଦେଦର ଗ୍ରାମ ଗସ୍ତ କରି ୪୦ ହେକ୍ଟର ଜମିରେ ହୋଇଥିବା ଅଏଲ ପାମ୍ ପ୍ଲାଂଟେସନ ପରିଦର୍ଶନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସାନଖୁଂଟି ଗ୍ରାମରେ କରାଯାଇଥିବା ସମନ୍ୱିତ କୃଷି ପ୍ରକଳ୍ପ ବୁଲି ଦେଖିଥିଲେ। ଏହାପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସାନଖୈରମାଳ ଗ୍ରାମରେ ଥିବା ବିହନ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ଧାନ ବିହନର ଉତ୍ପାଦନ ଓ ପ୍ରକ୍ରିୟା ବୁଲି ଦେଖିଥିଲେ । ଏହି ଅବସରରେ ଚାଷୀମାନଙ୍କୁ ଭେଟି ବିହନର ଗୁଣାତ୍ମକ ମାନର ଅନୁଭୂତି ସମ୍ପର୍କରେ ପଚାରି ବୁଝିଥିଲେ ।

# ରାସ୍ତାରେ ଧାନଗଛ ପୋତି ଅଭିନବ ପ୍ରତିବାଦ କଲେ ଗ୍ରାମବାସୀ



ନୀଳଗିରି , ୧୭/୦୮ (ନି.ପ୍ର): ଅଭିନବ ଢଙ୍ଗରେ ପ୍ରତିବାଦ କଲେ ଗ୍ରାମବାସୀ । ଗାଁ ରାସ୍ତାରେ ଧାନଗଛ ପୋତି ସରକାରକୁ ପ୍ରତିହାସ କରିଛନ୍ତି ଗ୍ରାମବାସୀ ।ନୀଳଗିରି ସହର ଠାରୁ ମାତ୍ର ୨ କିମି ଦୂରରେ ଥିବା ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ପଞ୍ଚାୟତ ବଡ଼ଅତା ଗାଁ ରାସ୍ତାକୁ ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଉଠାଇଛନ୍ତି । ରାସ୍ତାର ଦୂରାବସ୍ଥା ପାଇଁ ନା ଆମ୍ବୁଲାନ୍ସ ,ନା ଅଗ୍ନିଶମ ଗାଡି କେହି ଗାଡ଼ି ଗାଁକୁ ପଶି ପାରୁନାହିଁ ।ଗାଁର ୩ ନଂ ୱାର୍ଡରେ ଥିବା ରାସ୍ତାଟି ବର୍ଷା ପାଣିରେ ଅତି କଦର୍ଯ୍ୟ ହୋଇ ପଡ଼ିଛି । ଗାଡ଼ିମୋଟର ଯିବା ତ ଦୂରର କଥା , ବାଟୋଇ ଜଣେ ଏହି ରାସ୍ତାରେ ଚାଲି ଚାଲି ଯିବା କାଠିକର ପାଠ ହୋଇପଡ଼ିଛି । ପ୍ରତିଦିନ ଉକ୍ତ ରାସ୍ତାଦେଇ ଶତାଧିକ ଲୋକ ଯାତାୟାତ କରୁଛନ୍ତି । ଏ ସମ୍ପର୍କରେ ଅଞ୍ଚଳବାସୀ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଯଥା ପୂର୍ବଂ ତଥା ପରଂ ଭଳି ରାସ୍ତାର ଅବସ୍ଥା ପଡ଼ିରହିଛି। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ରାସ୍ତା ଯୋଜନା ଏଠାରେ କାମ ଦେଉନି । ତେବେ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗାଁ ରାସ୍ତାକୁ ମରାମତି କରାଯାଇ ନୂତନ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ନକଲେ ରାସ୍ତା ପାଇଁ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ପଞ୍ଚାୟତ କାର୍ଯ୍ୟାଳୟ ଓ ଉପଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବେ ବୋଲି ଗ୍ରାମର କମଳ ଲୋଚନ ପଣ୍ଡା, ସତ୍ୟବ୍ରତ ମହାଳୀକ, ହରିହର ପ୍ରଧାନ, ରାଜେଶ ପ୍ରଧାନ, ସୋନମ ପ୍ରଧାନ, ସତ୍ୟନାରାୟଣ ମହାରଣା, ଦୀପକ ଜେନା, ଉମାକାନ୍ତ ମଲ୍ଲିକ, ଆଶିଷ ପ୍ରଧାନ, ଜାନକୀ ମହାଳିକ, ରବୀନ୍ଦ୍ର ମହାଳିକ, ରଘୁନାଥ ମହାଳିକ, ଲକ୍ଷ୍ମୀକାନ୍ତ ମହାଳିକ ପ୍ରମୁଖ ବହୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଛେଳିଆ ନଈରେ ପଡି ବୃଦ୍ଧଙ୍କ ମୃତ୍ୟୁ



ଲଙ୍ଗଳେଶ୍ୱର ୧୭/୮(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ରାଇପୁର ଗ୍ରାମର ଭୂଷଣ ଜେନା (୬୪) ବୁଧବାର ରାତ୍ରିରେ ଛେଳିଆ ନଈରେ ପଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ରାତ୍ରିରେ ପରିବାର ଲୋକେ ଶୋଇ ଯିବାପରେ ଏହି ଅଘଟଣା ଘଟିଛି । ଏହି ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ସିଂଲା ଥାନା ରେ ଅଭିଯୋଗ କରିଛନ୍ତି। ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବାକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ରୋଗୀ ସେବା ପାଇଁ ଅତ୍ୟାଧୁନିକ ଆମ୍ବୁଲାନ୍ସ ଲୋକାର୍ପିତ




ପାରାଦୀପ , ୧୭/୦୮ (ନି.ପ୍ର): ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ୩ ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଯାଇଛି। ୭୭ତମ ସ୍ୱାଧିନତା ଦିବସ ଅବସରରେ ଜେ ଏସ ଡ ବ୍ଲୁ ଗ୍ରୁପର ସଭାପତି ତଥା ମାନବ ସମ୍ବଳ ମୁଖ୍ୟ ଦିଲିପ୍ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତକା ଦେଖାଇ ଏହାର ଲୋକାର୍ପଣ କରିଥିଲେ। ଏଥିରେ ଗୋଟିଏ ଆଡଭାନସ୍ ଲାଇଫ୍ ସପୋର୍ଟ ଓ ଦୁଇଟି ପେସେଣ୍ଟ ଟ୍ରାନ୍ସପୋର୍ଟ ଆମ୍ବୁଲାନ୍ସ ରହିଛି। ଅତ୍ୟାଧୁନିକ ଜୀବନ ସହାୟକ ଆମ୍ବୁଲାନ୍ସରେ ସମସ୍ତ ପ୍ରକାର ସରଞ୍ଜାମ ଓ ରୋଗୀ ସେବା ବ୍ୟବସ୍ଥା ରହିଛି। ଏହି ଆମ୍ବୁଲାନ୍ସ ଟି ଅଠରବାଙ୍କୀ ଠାରେ ରହିବ। ବିଶେଷ କରି କଟକ ପାରାଦୀପ ରାଜ୍ୟ ରାଜପଥ,ବନ୍ଦରାଞ୍ଚଳ ସହିତ ବିଭିନ୍ନ ଶିଳ୍ପାଞ୍ଚଳରେ ଅନେକ ସମୟରେ ବିଭିନ୍ନ ପ୍ରକାରର ଦୁର୍ଘଟଣା ମାନ ଘଟି ଥାଏ । ସେହି ସମୟରେ ତୁରନ୍ତ ଚିକିତ୍ସା ପ୍ରଦାନ ସହିତ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ପାଇଁ ଏହି ଆମ୍ବୁଲାନ୍ସଟି ବିଶେଷ ଭାବେ ସହାୟକ ହୋଇ ପାରିବ। ଏଥି ସହିତ ଅନ୍ୟ ଦୁଇଟି ଆମ୍ବୁଲାନ୍ସ ଢ଼ିଙ୍କିଆ ଓ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ରରେ ସହିତ ତିନି ପଞ୍ଚାୟତରେ ରୋଗୀ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ । ଏହି ତିନିଟି ଆମ୍ବୁଲାନ୍ସରେ ୮ ଜଣ ଡ୍ରାଇଭର ଓ ୪ ଜଣ ଏମରଜେନସି ମେଡିକାଲ ଟେକନିସିଆନ ରହିଛନ୍ତି।ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ବିଗତ ଦିନରେ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା ଆଗାମୀ ଦିନରେ ରୋଗୀ ସେବା କ୍ଷେତ୍ରରେ ଅନେକ କିଛି ସୁବିଧା ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# 'ପ୍ରତିଶ୍ରୁତି'ର ସାରସ୍ୱତ ସମାରୋହ ଓ ଜିଲ୍ଲାସ୍ତରୀୟ ବହୁ ଭାଷୀ କବି ସମ୍ମିଳନୀ



ବାରିପଦା , ୧୭/୦୮ (ନି.ପ୍ର): ସାହିତ୍ୟ ପତ୍ରିକା 'ପ୍ରତିଶ୍ରୁତି' ତରଫରୁ ଏକ ସାରସ୍ୱତ ସମାରୋହ ଓ ଜିଲ୍ଲା ସ୍ତରୀୟ କବି ସମ୍ମିଳନୀ ପ୍ରତିଷ୍ଠାନର ସଭାପତି ଡା.ପାର୍ଥସାରଥି ଜେନାଙ୍କ ପୌରୋହିତ୍ୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (ସଦ୍ଭାବନା ସଭା ଗୃହ ଠାରେ) ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମେଜର ଡ. ରବୀନ୍ଦ୍ରନାଥ ପରିଡା ମୁଖ୍ୟ ଅତିଥି ଓ ମହାରାଜା ଶ୍ରୀରାମଚନ୍ଦ୍ର ଭ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ବିଚିତ୍ରନାଥ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସୁଗାୟିକା ସୁଶ୍ରୀ ଭାରତୀ ଦେବର୍ତା ବନ୍ଦେ ମାତରମ୍ ଗାନ କରିବା ସହିତ ଶ୍ରୀ ଜଗନ୍ନାଥଙ୍କ ଭଜନ ଅତି ସୁଲଳିତ କଣ୍ଠରେ ପରିବେଷଣ କରିଥିଲେ। 'ପ୍ରତିଶ୍ରୁତି'ର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ କହିଲେ କବିତାର ମୌଳିକ ଧର୍ମ ହେଉଛି ଆନନ୍ଦ ଦାନ। କବି ମଣିଷ ଜୀବନର ଅନୁଭୂତିକୁ ମନ୍ମୟ ଭାବରେ ପ୍ରକାଶ କରେ। ଅପରୂପକୁ ରୂପ ଦିଏ। ଅବ୍ୟକ୍ତକୁ ବ୍ୟକ୍ତ କରେ। କୁତ୍ସିତକୁ ଅପରୂପ ଲାବଣ୍ୟ ପ୍ରଦାନ କରେ ବୋଲି କହିବା ସହିତ ସାରସ୍ୱତ ସାଧକ ସାଧିକାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟ ବକ୍ତା ଡ. ସାହୁ ତାଙ୍କ ଅଭିଭାଷଣରେ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ଭିତରେ ଥିବା ପାର୍ଥକ୍ୟ କୁ ବର୍ଣ୍ଣନା କରି ସତ୍ୟ ଓ ବାସ୍ତବତା, କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ କବିତା ସାର୍ବଜନୀନତା ଲାଭ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଡ. ପରିଡା ସ୍ୱାଧିନତାର ୭୭ତମ ଦିବସ ପାଳନ ଅବସରରେ ଆଜିର କ୍ରମଶଃ ଅବକ୍ଷୟମୁଖୀ ସମାଜରେ ସ୍ୱାଧିନତା ସ୍ୱାଦ ସମସ୍ତେ କିପରି ଅନୁଭବ କରୁଛଁ ତାହାର ଏକ ତୁଳନାତ୍ମକ ବ୍ୟାଖ୍ୟା କରିବା ସହିତ ସ୍ୱାଧିନତା ସଂଗ୍ରାମରେ ଆତ୍ମବଳି ଦେଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଳି ଜଣାଇଥିଲେ। ପରେ କବୟିତ୍ରୀ ସୁଧାମୟୀ ଦାସ ଓ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସଂସ୍କୃତ, ହିନ୍ଦୀ, ମୁଣ୍ଡାରୀ, ସାଂଲୀ ଓ ଓଡିଆ ପ୍ରଭୃତି ବିଭିନ୍ନ ଭାଷାରେ କବି ମାନେ ସ୍ୱରଚିତ କବିତା ଆବୃତି କରିଥିଲେ। ପଣ୍ଡିତ ରତ୍ନାକର ତ୍ରିପାଠୀ, ଡ. ଅଂର୍ଯ୍ୟାମୀ ନାୟକ, ଜୟ' କୁମାର ଦ୍ୱାରୀ, ଧନେଶ୍ୱର ପଣ୍ଡା, ନରେନ୍ଦ୍ରମୋହନ ସେନାପତି, ନନ୍ଦଲାଲ ସିଂହ, ଅଶୋକ କୁମାର ପଲେଇ, ଅନୀଲ ପଟ୍ଟନାୟକ, ନରସିଂହ ବାରିକ, ଗୀତାରାଣୀ ସାହୁ, ଭଗବତୀ ଦାଶ, ଅଧାପକ ରାଜେନ୍ଦ୍ର ସାମଲ, ଡ. ପ୍ରଭାତ କୁମାର ସାହୁ, ସାମ୍ବାଦିକ-ଦୀପକ କୁମାର ନାୟକ, ବାଲିମଣି ସିଂ, କାବେରୀ ମିଶ୍ର, ନିରୁପମା ମହା', ଡ.ଶଶିଧର ବିଶ୍ୱାଳ, ସେକ୍ ଜିକରୁଲ୍ଲା, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ବିଜୟ କୁମାର ମହାଁ, ଦିପ୍ତୀ ମିଶ୍ର, ମିନତୀ ଦାଶ, ସୁରେଶ କୁମାର ପାଣିଗ୍ରାହୀ, ଅଜିତ କୁମାର ପାଣିଗ୍ରାହୀ, ଡ. ସଂଜୀବ କୁମାର ପାଣିଗ୍ରାହୀ, ସାଗରିକା ଦାସ, ଭାସ୍ୱତୀ ପଣ୍ଡା, ପୁଷ୍ପଲତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଲିପ୍ସା ମହାପାତ୍ର, ଯଶୋଦା ମହା', ସ୍ନେହଲତା ନାୟକ, ସୁଧାମୟୀ ଦାସ, ଭାରତି ବେବର୍ତା, ରାଜଲକ୍ଷ୍ମୀ ତ୍ରିପାଠୀ, ଅଜୟର ପୃଷ୍ଟି ପ୍ରମୁଖ ବହୁ କବି କବିତା ପାଠ କରିଥିଲେ। ପଠିତ କବିତା ଗୁଡିକୁ ସମୀକ୍ଷା କରି ସଭାପତି ଡା. ଜେନା କହିଲେ କବିତାର ସ୍ଥିତି ଓ ପ୍ରସାର ପାଇଁ ସହୃଦୟ ସାମାଜିକ ବ୍ୟକ୍ତିର ଆବଶ୍ୟକତା ରହିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo